ବର୍ଷ-୨୬, ସଂଖ୍ୟା-୪୫
ଭୁବନେଶ୍ୱର
୧୫, ଫେବୃଆରୀ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 45
Bhubaneswar
15 February, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# କେନ୍ଦୁଝରରେ ଟେକ୍ସଟାଇଲ ପାର୍କର ଶିଳାନ୍ୟାସ



**ଭୁବନେଶ୍ୱର,୧୪।୨(ମହାଭାରତ):** କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ।"

ସେ ଆହୁରି କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି।ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ । ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା।ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡଃ ଫକୀର ମୋହନ ନାଏକ ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଂଡାଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

# ଆଜି ଭାରତ-ପାକ୍ ମୁହାଁମୁହିଁ



**କଲମ୍ବୋ,୧୪।୨(ଏଜେନ୍ସି):** ଆସନ୍ତାକାଲି ଖେଳାଯିବ ଟି-୨୦ ବିଶ୍ୱକପର ସବୁଠାରୁ ବଡ ମୁକାବିଲା। ଶ୍ରୀଲଙ୍କାର କଲମ୍ବୋ ସ୍ଥିତ ଆର ପ୍ରେମଦାସା ଷ୍ଟାଡିୟମରେ ଲଢ଼େଇ କରିବେ ଭାରତ ଓ ପାକିସ୍ତାନ। ଏହାକୁ ନେଇ କ୍ରିକେଟ ପ୍ରେମୀ ବେଶ ଉତ୍ସାହିତ ହୋଇ ଉଠିଛନ୍ତି।

ପଡିଆ ବାହାରେ ଘଟିଥିବା ସବୁ ଡ୍ରାମା ଓ ରାଜନୀତିକ ନାରାବାଜୀ ପରେ ଟି-୨୦ ବିଶ୍ୱକପରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆସନ୍ତାକାଲି ଖେଳାଯିବ ଟି-୨୦ ବିଶ୍ୱକପର ସବୁଠାରୁ ବଡ ମୁକାବିଲା। ପୂର୍ବରୁ ଅଧିକାଂଶ କ୍ରିକେଟ ପଣ୍ଡିତ ଭାରତ ସପକ୍ଷରେ ମ୍ୟାଚ୍ ଯିବ ବୋଲି କହିଛନ୍ତି। କାରଣ ଟି-୨୦ରେ ଭାରତର ପ୍ରଦର୍ଶନ ଏଯାଏ ବେଶ ପ୍ରଭାବଶାଳୀ ରହିଛି। ଟ୍ରଫି ଜିତିବାର ରେସରେ ଭାରତୀୟ ଟିମ ରହିଥିବା ବେଳେ ଚଳିତ ବିଶ୍ୱକପରେ ଆମେରିକା ଓ ନାମିବିୟାକୁ ହରାଇ ଦେଇଛି। ଭାରତ ଏବେ ପଏଣ୍ଟ ଟେବୁଲ ଟପରେ ରହିଛି। ଆମେରିକା ବିପକ୍ଷରେ ଭାରତୀୟ ବ୍ୟାଟର ସଂଘର୍ଷ କରିଥିଲେ ହେଁ ନାମିବିୟା ବିପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଯାଦୁ ଦେଖାଇଛନ୍ତି। ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତ ୯୩ ରନରେ ନାମିବିୟାକୁ ହରାଇ ଟି-୨୦ ବିଶ୍ୱକପରେ ସବୁଠାରୁ ବଡ ବିଜୟ ହାସଲ କରିବାର ରେକର୍ଡ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ନେଦରଲ୍ୟାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ହାରୁ ହାରୁ ବର୍ତ୍ତିଥିଲା। ଦଳ କିନ୍ତୁ ଆମେରିକାକୁ ଦ୍ୱିତୀୟ ମ୍ୟାଚ୍‌ରେ ସହଜରେ ହରାଇ ଦେଇଛି। ଭାରତ ଭଳି ପାକିସ୍ତାନ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅର୍ଥାତ ରବିବାର ଜିତିବାକୁ ଥିବା ଦଳ ସିଧା ସୁପର ୮କୁ ଯୋଗ୍ୟତା ଅର୍ଜନ କରିବ।

# ଅପରାଧୀଙ୍କୁ ସାବାଡ଼ କରିବ 'ସାଇବର କବଚ'

**ଭୁବନେଶ୍ୱର,୧୪।୨(ମହାଭାରତ):** ଓଡ଼ିଶାରେ ସାଇବର ସୁରକ୍ଷାକୁ ଆହୁରି ସୁଦୃଢ଼ ଏବଂ ସଂଗଠିତ କରାଯିବା ସହ ସାଇବର ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ "ଅପରେସନ୍ ସାଇବର କବଚ୍" ଆରମ୍ଭ ହୋଇଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗତ ୧୧ ଫେବୃଆରୀରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରିଥିଲେ। ବେନାମୀ ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ସିମ୍ କାର୍ଡ ଓ ସାଇବର ଅପରାଧ ନେଟୱାର୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଜାରି କରିଥିଲେ।

ସେହି ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ପୋଲିସ ଏକ ବଡ଼ ସାଇବର ଅପରାଧକୁ ପର୍ଦ୍ଦାଫାଶ କରିଛି। ବିଭିନ୍ନ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ୫ କୋଟିରୁ ଅଧିକ ଟଙ୍କା ଠକେଇ ଘଟଣାରେ ୨ ଜଣ ସାଇବର ଅପରାଧୀଙ୍କୁ ପୋଲିସ ଗିରଫ କରିଛି। ଏହା ସହ ସେମାନଙ୍କ ନିକଟରୁ ପୋଲିସ ବିଭିନ୍ନ ବ୍ୟାଙ୍କର ୨୯ଟି ପାସ ବୁକ, ୧୫ ଟି ଚେକ ବହି, ସ୍ୱାଇପ ମେସିନ, ମୋବାଇଲ ଫୋନ୍ ଆଦି ଜବତ କରିଛି।

ସେହିପରି ମୟୁରଭଞ୍ଜ ଜିଲ୍ଲାରେ ସାଇବର ଠକେଇ ସମ୍ପର୍କିତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ମାମଲାରେ ଏକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୪ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ସହିତ ସେମାନଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ମାମଲାର ତଦନ୍ତ ଚାଲିଥିବା ବେଳେ ସମ୍ପୃକ୍ତ ଘଟଣାରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୂମିକାକୁ ମଧ ଯାଞ୍ଚ କରାଯାଉଛି।

ଉଲ୍ଲେଖ ଯୋଗ୍ୟ ଯେ, ଏହି ଅଭିଯାନ ଆସନ୍ତା ଫେବୃଆରୀ ୨୭, ୨୦୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇବର ଠକେଇ ପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ଜାଲ୍ ସିମ୍ କାର୍ଡର କାରବାରକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।

ବର୍ତ୍ତମାନ ସାଇବର ଅପରାଧ ଆନ୍ତଃରାଜ୍ୟ ଏବଂ ଅନ୍ତର୍ଜାତୀୟ ନେଟୱାର୍କରେ ପରିଣତ ହୋଇଥିବାରୁ, ଏହାକୁ ପ୍ରଭାବଶାଳୀ ଭାବରେ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଏକ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଛି। ସେହି ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସରେ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। କୌଣସି ପ୍ରଲୋଭନରେ ବଶବର୍ତ୍ତୀ ନ ହୋଇ ନିଜ ବ୍ୟାଙ୍କ ଆକାଉଣ୍ଟ କିମ୍ବା ଅନ୍ୟାନ୍ୟ ଗୋପନୀୟ ତଥ୍ୟ ସମ୍ପର୍କରେ ସୂଚନା ନ ଦେବାକୁ ଡିଜିପି ଶ୍ରୀ ଖୁରାନିଆ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ତୋଷାଳି ସ୍ୱଦେଶୀ ମେଳା ଉଦଘାଟିତ

**ଭୁବନେଶ୍ୱର,୧୪।୨ (ମହାଭାରତ):** ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାର ଶୁଭ ଉଦଘାଟନ କରି ସେ ମଧ କହିଛନ୍ତି ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳାର ପ୍ରମୁଖ ଲକ୍ଷ୍ୟ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଯୋଗ ଦେଇ କହିଥିଲେ ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ । ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି ।



ସେମାନଙ୍କ ଜୀବନ-ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ୧୨ ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସଆଇଆର-ଆଇଏମଏମଟି, ଭୁବନେଶ୍ୱର ଓ ଆଇଆଇପି-ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଆଇସିଏଆର୍-ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ଫାଇବର୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଓୟୁଟିଆର୍, ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡକ୍ଟର ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥି, ପ୍ରସିଦ୍ଧ ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଚଳିତବର୍ଷ ୯୦୫ ଗୋଟି ଷ୍ଟଲ ଖୋଲିଥିବା ବେଳେ ୨୦ ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି ।

# ଶିକ୍ଷାର ଉଦ୍ଦେଶ୍ୟ ପିଲାର ଚରିତ୍ର ଗଠନ କରିବା : ମୁଖ୍ୟମନ୍ତ୍ରୀ

**ଯାଜପୁର,୧୪।୨(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୁରାଣ କରାଯିବ ବୋଲି ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ ଏବଂ କହିଥିଲେ ଯେ ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ସେ କହିଥିଲେ ଯେ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି।

ପି.ଏମ୍ ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ହେଉଛି ପିଲା ମାନଙ୍କ ଚରିତ୍ର ଗଠନ କରିବା ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା। ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଉଲ୍ଲେଖ କରି ସେ ପିଲା ମାନଙ୍କ ସୃଜନଶୀଳତା, ଦକ୍ଷତା, ନିଷ୍ପତ୍ତି ଗ୍ରହଣ




କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ।

'ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି ବୋଲି ସେ ମତବ୍ୟକ୍ତ କରି ଛାତ୍ରଛାତ୍ରୀ ମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ 'କର୍ତ୍ତବ୍ୟ, ସମର୍ପଣ ଏବଂ ନିଷ୍ଠା'କୁ ଜୀବନ ଦର୍ଶନ ଭାବରେ ଭାବରେ ଗ୍ରହଣ କରିବାକୁ ସେ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଆଲୋଚନା'ରେ ପରାମର୍ଶ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ।

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫,୦୦୦ ସ୍କୁଲରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ, ପ୍ରକଳ୍ପ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଉଛି। ସେ ଆହୁରି କହିଛନ୍ତି ଯେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ବିନିଯୋଗରେ ୨,୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯାଇଛି। ସରକାରଙ୍କ ନିରନ୍ତର ସହାୟତା ପାଇଁ ଛାତ୍ର ଏବଂ ଅଭିଭାବକ ମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସମୃଦ୍ଧ ଓଡ଼ିଶା ଗଠନ ଏହାର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ସୁଯୋଗ ପ୍ରଦାନ କରିବା ଉପରେ ନିର୍ଭର କରେ। ଏକ ସମୃଦ୍ଧ ଓଡ଼ିଶା ଆମ ପିଲାମାନଙ୍କ ଦ୍ୱାରା ଗଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡଚଣା ବିଧାୟକ ଅମର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ, ଆଲୁମିନି ଆସୋସିଏସନର ସଭାପତି କୃପାସିନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ଜେନେରାଲ ସେକ୍‌ରେଟାରୀ ଅଭିଳାଶ ଦାସ, ପୂର୍ବତନ ଛାତ୍ର ସଂଘର ସଦସ୍ୟ, ଶିକ୍ଷକ ଏବଂ ବହୁ ସଂଖ୍ୟକ ଛାତ୍ର ଏବଂ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

### ଖବର

## ରିଲିଜ୍ ହେଲା ''ବ୍ୟାଟଲ୍ ଅଫ୍ ଗାଲଓ୍ୱାନ୍''ର 'ମୈଁ ହୁଁ' ଗୀତ



ସଲମାନ ଖାନ୍ ବର୍ତ୍ତମାନ ତାଙ୍କ ଆଗାମୀ ଫିଲ୍ମ ''ବ୍ୟାଟଲ୍ ଅଫ୍ ଗାଲଓ୍ୱାନ୍'' ପାଇଁ ଖବରରେ ରହିଛନ୍ତି । ନିକଟରେ ଫିଲ୍ମର ପ୍ରଥମ ଗୀତ ''ମାତୃଭୂମି ରିଲିଜ୍ ହୋଇଥିଲା, ଯାହାକୁ ଅରିଜିତ ସିଂହ ଗାଇଥିଲେ। ଏହି ଗୀତକୁ ଦର୍ଶକଙ୍କଠାରୁ ଏକ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା । ଏହାରି ମଧ୍ୟରେ ଅର୍ଥା୍ ଭାଲେ□ାଇନ୍ସ ଡେ' ଅବସରରେ ର୍ନିମାତାମାନେ ''ବ୍ୟାଟଲ୍ ଅଫ୍ ଗାଲଓ୍ୱାନ୍''ର ଦ୍ୱିତୀୟ ଗୀତ ରିଲିଜ୍ କରିଛନ୍ତି । ୪ ମିନିଟ୍ ଏବଂ ୩୧ ସେକେଣ୍ଡର ଏହି ଗୀତରେ ସଲମାନ ଏବଂ ଚିତ୍ରାଗନ୍ଦାଙ୍କ ଅନ୍ ସ୍କ୍ରିନ୍ ଲଭଷ୍ଟୋରୀ ଦେଖିବା ସହିତ ଜଣେ ସୈନିକ ପରିବାରର ବଳିଦାନକୁ ଦେଖିବାକୁ ପାଇବେ ଦର୍ଶକ ।''ବ୍ୟାଟଲ୍ ଅଫ୍ ଗାଲଓ୍ୱାନ୍''ର ଦ୍ୱିତୀୟ ଗୀତ ରିଲିଜ୍ କରିବା ସହିତ କ୍ୟାପସନରେ ଲେଖିଛନ୍ତି ଯେ, ''ଏହି ଭାଲେଣ୍ଟାଇନ୍ସ ଡେ'ରେ ଏକ ସ୍ୱତନ୍ତ୍ର ଗୀତ ଆସିଛି । ଶ୍ରେୟା ଘୋଷାଲ୍ ଏବଂ ଆୟନ୍ ଲାଲ୍ ଗାଇଥିବା 'ମୈଁ ହୁଁ' ପ୍ରେମର ପବିତ୍ର ରୂପକୁ ପାଳନ କରେ । ଏହି ଗୀତ ଗଭୀର ଭାବନାକୁ ପ୍ରକାଶ କରୁଥିବାର ଏକ ସ୍ୱର । 'ମୈଁ ହୁଁ' ଗୀତଟି ଏବେ ରିଲିଜ୍ ହୋଇଛି ।ଯେଉଁଥିରେ ଯୁଦ୍ଧକ୍ଷେତ୍ରରେ ଜଣେ ସୈନିକଙ୍କୁ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ମନେପକାଉଥିବା ଦେଖିବାକୁ ମିଳିଛି । ଗୀତଟି ସଲମାନ ଖାନ ଏବଂ ଚିତ୍ରାଙ୍ଗଦା ସିଂହଙ୍କ ଅନ-ସ୍କ୍ରିନ୍ କେମେଷ୍ଟ୍ରିକୁ ମଧ ପ୍ରଦର୍ଶିତ କରିଛି । ଯେଉଁଥିରେ ସେମାନେ ସେମାନଙ୍କର ୧୧ତମ ବିବାହ ବାର୍ଷିକୀ ପାଳନ କରିବାର କିଛି ସୁନ୍ଦର ମୁହୂର୍ତ୍ତକୁ ପ୍ରଦର୍ଶିତ କରିଛନ୍ତି । ଗୀତଟି ରିଲିଜ ହେବା ପରେ ପ୍ରଶଂସକମାନଙ୍କ ପ୍ରତିକ୍ରିୟା ଦେଇଛନ୍ତି। ଏପର୍ଯ୍ୟନ୍ତ ଭିଡିଓଟି ରେ ୧୭୪ ହଜାରରୁ ଅଧିକ ଭ୍ୟୁ ପାଇଛି ।ଯଦି ଏହି ଫିଲ୍ମର ରିଲିଜ୍ ଡେଟ୍ କଥା କୁହାଯାଏ ତେବେ ଏହା ଚଳିତ ବର୍ଷ ୧୭ ଏପ୍ରିଲରେ ରିଲିଜ୍ ହେବାର ଯୋଜନା ରହିଛି । ଏଥିରେ ସଲମାନ ଖାନଙ୍କ ବିପକ୍ଷରେ ଚିତ୍ରାଙ୍ଗଦା ସିଂହ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।ଏହି ଅଭିନେତ୍ରୀ ସୁପରଷ୍ଟାରଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଛନ୍ତି । ଏହା ଅପୂର୍ବା ଲାଖିଆଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ସଲମାନ ଖାନ ଫିଲ୍ମସ୍ ବ୍ୟାନରରେ ର୍ନିମିତ ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ



ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।

ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଈଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଈଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରି ଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?



ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ କୁହାଯାଇଥାଏ। ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧ୍ୟରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୁରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ଧାନ ସଂଗ୍ରହରେ ରହୁଥିବା ସମସ୍ୟାର ସମାଧାନ କର

**ଭୁବନେଶ୍ୱର,୧୪।୨ (ମହାଭାରତ):** ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ମିଲର ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଙ୍ଗଳବାର ଏକ ବୈଠକରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାରସିଂ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲି.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ସଭାପତି, ସଂପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ। ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକଚାଉଳ ଯୋଗାଣଏବଂ ରାଜ୍ୟ ସରକାରଙ୍କ ଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା



ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ରେ ସଂଗୃହିତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସଂପର୍କରେ ଆଲୋଚନା ହୋଇଥିଲା। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚୁକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ଦଶ ପ୍ରତିଶତ ବାକି ରହିଛି ଓ ଏହାର ଯୋଗାଣ ଜାରି ରହିଛି। ସଂଗୃହିତ ନୂଆ ଧାନ ସଂଗ୍ରହ, ଦୀର୍ଘ ସମୟ ଧରି ମିଲରେ କଷ୍ଟମ ମିଲ୍ଡ ଚାଉଳଓନୂଆ ଧାନରଖିବା ପାଇଁ ସ୍ଥାନ ଓ ଧାନ ସଂରକ୍ଷଣ ଜନିତ ସମସ୍ୟା ରହୁଛି। ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଥିବାରୁ ସେ ସଂପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆହୁରି ମଧ୍ୟ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଥିଲେ। ଦୀର୍ଘଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘ ଠାରୁ ମିଲରମାନଙ୍କ ସମସ୍ୟା ସଂପର୍କରେ ଶୁଣିଥିଲେ। ସବୁ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶୃତି ଦେଇଛନ୍ତି। ଅନ୍ୟପକ୍ଷରେ ମିଲର୍ସ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲ୍ଡ ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା ।ଏଥିରେ ମିଲର୍ସମାନଙ୍କର ସହଯୋଗ ରହିଛି। କିନ୍ତୁ ସାମଗ୍ରିକ ପ୍ରକ୍ରିୟାରେ ମିଲର୍ସମାନେ ଦୀର୍ଘ ଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଥିଲେ।

# ଉଷା ପାଢ଼ୀ ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୧୪।୨ (ମହାଭାରତ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ,ସୋମବାର ଓଡ଼ିଶା ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ସଂସ୍ଥାର ଚାଲୁ ରହିଥିବା



ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟରେ ଶିଳ୍ପ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଜମି ବିକାଶ ଏବଂ ଭିତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ଶିଳ୍ପ ଭିତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପାଂଚଳ ଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ। ଇଡ୍‌କୋ ଟିମ୍ ର କାର୍ଯ୍ୟକୁ ପ୍ରଶଂସା କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ଓ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ବୃତିଗତ ମନୋଭାବ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# କୋଟାକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଶ୍ରମିକଙ୍କ ନିମନ୍ତେ 'ସେହତ୍ କା ସଫର'ର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୨ (ମହାଭାରତ):** କୋଟାକ ମହିନ୍ଦ୍ରା ବ୍ୟାଙ୍କ ("କେଏମବିଏଲ"/କୋଟାକ୍") ଆଜି ଏହାର ଫ୍ଲାଗସିପ ପ୍ରମୁଖ ସିଏସଆର କାର୍ଯ୍ୟକ୍ରମ 'ସେହତ୍ କା ସଫର ୪.୦', ଚତୁର୍ଥ ସଂସ୍କରଣର ଶୁଭାରମ୍ଭ ଘୋଷଣା କରିଛି ଯାହାକି ଭାରତର ପରିବହନ କ୍ଷେତ୍ର ପାଇଁ ନିବାରଣକାରୀ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପ୍ରଦାନ କରୁଅଛି। ଗାଡ଼ି ଚାଳକ, ପରିବହନକାରୀ ଏବଂ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ତଥା କଲ୍ୟାଣକାରୀତା ପ୍ରତି କୋଟାକ୍‌ର ନିରନ୍ତର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରମାଣିତ କରୁଛି - ଯାହାକି ଏକ ଅତି ଦରକାରୀ ପୁନର୍ବାର ସର୍ବଦା କାର୍ଯ୍ୟରତ ଅବହେଳିତ ମାନଙ୍କ ପାଇଁ ଉପାଦେୟ ଯାହା ଭାରତର ଅର୍ଥନୈତିକ ସ୍ଥିତିକୁ ଚଳମାନ ରଖିପାରିଛି। ୨୦୨୨ ମସିହାରେ, ଶୁଭାରମ୍ଭ ହୋଇଥିବା "ସେହତ୍ କା ସଫର" କ୍ରମାଗତ ଭାବେ ବର୍ଷ ପରେ ବର୍ଷ ସଫଳତା ସହ ବୃଦ୍ଧି ପାଇବାରେ ଲାଗିଛି। ବିଗତ ତିନୋଟି ସଂସ୍କରଣରେ ଦେଶର ୭୫ରୁ ଅଧିକ ସହରରେ ୧୨୦ରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ପ୍ରାୟ ୧୩,୫୦୦ ଚାଳକଙ୍କ ନିକଟରେ ଏହା ପହଂଚି ପାରିଛି। ଚତୁର୍ଥ ସଂସ୍କରଣଟି, ୧୮ ଡ଼ିସେମ୍ବର ୨୦୨୫ରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ପର୍ଯ୍ୟାୟରେ ଭାରତର ବିଭିନ୍ନ ପରିବହନ କରିଡ଼ରରେ ୪୫ରୁ ଅଧିକ ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବ। ଏହି ସଂସ୍କରଣ ଜରିଆରେ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପ୍ରାୟ ୪୫୦୦ ଟ୍ରକ ଚାଳକ ଏବଂ ସେମାନଙ୍କ ପରିବାରକୁ ଏହି ସେବା ଯୋଗାଇ ଦେବା ସହିତ ସେମାନଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟର ଉତ୍କୃଷ୍ଟ ସେବା ଏବଂ ପରିବହନ ଇକୋ-ସିଷ୍ଟମ ମଧ୍ୟରେ ସେମାନଙ୍କୁ ଏକ ସ୍ଥିର ଆର୍ଥିକ ସେବା ପ୍ରଦାନକାରୀତାର ଲକ୍ଷ୍ୟ ରଖିଛି।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ

**ଭୁବନେଶ୍ୱର,୧୪।୨ (ମହାଭାରତ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଧୋଗତି ଘଟୁଛି ବୋଲି ଅଭିଯୋଗ କରି ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜୁ ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ ଖମ୍ଭମପତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ ଯୋଗୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏକ ପ୍ରକାର କୋମାରେ ରହିଛି ବୋଲି ଦଳ ତରଫରୁ ଅଭିଯୋଗ କରାଯାଇଛି।

ଦୀର୍ଘ ସମୟ ଧରି କୁଳପତି ନରହିବା କାରଣରୁ, ବିଶ୍ୱବିଦ୍ୟାଳୟ ଗୁଡିକରେ ପ୍ରଶାସନିକ ସ୍ଥାଣୁତା, ଦାୟିତ୍ୱହୀନତା ଶିକ୍ଷାନୁଶାସନ, ଗବେଷଣା କାର୍ଯ୍ୟରେ ବାଧା, ପରୀକ୍ଷା ପରିଚାଳନାରେ ବିଭ୍ରାଟ ଓ ନିଯୁକ୍ତିରେ ବିଳମ୍ବ ସହ ଛାତ୍ରଛାତ୍ରୀ ଓ ଶିକ୍ଷକ-କର୍ମଚାରୀମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ମାରକପତ୍ରରେ କୁହାଯାଇଛି।



ଯୁବ ଓ ଛାତ୍ର ନେତାମାନେ ଉଲ୍ଲେଖ କରିଥିଲେ ଯେ ନବୀନ ସରକାରଙ୍କ ସମୟରେ, ୨୦୨୦ ମସିହାର ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅଣାଯାଇଥିଲା, ଯାହା ମାଧ୍ୟମରେ କୁଳପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ମେରିଟ୍ ଆଧାରିତ ଚୟନ ଓ ସଂସ୍ଥାଗତ ଦାୟିତ୍ୱବୋଧକୁ ସୁନିଶ୍ଚିତ କରିଥିଲା। କିନ୍ତୁ ୨୦୨୪ ଓ ୨୦୨୫ରେ ହୋଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ଏହି ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ସହିତ ସର୍ଚ୍ଚ କମିଟି ଗଠନରେ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦେଇ ଶିକ୍ଷାନୁଷ୍ଠାନ ଗୁଡିକରେ ଗୈରୀକକରଣ କରିବା ପାଇଁ ରାଜ୍ୟ ବିଜେପି ସରକାର ଉଦ୍ୟମ କରୁଛନ୍ତି ବୋଲି ଯୁବ ଛାତ୍ର ନେତାମାନେ ଅଭିଯୋଗ କରିଥିଲେ। ସେମାନେ ଦୃଢ଼ ଭାବେ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ରାଜନୈତିକ ହସ୍ତକ୍ଷେପ, ଧାର୍ମିକ-ବିଚାରଧାରାମୂଳକ ପ୍ରଭାବ ଓ ଇଚ୍ଛାମୁତାବକ ନିଷ୍ପତ୍ତିରୁ ମୁକ୍ତ ରହିବା ସହିତ, ଶିକ୍ଷାଗତ ଉତ୍କୃଷ୍ଟତାର କେନ୍ଦ୍ର ହେବା ଆବଶ୍ୟକ। ସ୍ମାରକପତ୍ରରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଭୟଙ୍କର ଅଭାବ ଉପରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ, ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୬ଟି ସହାୟକ ପ୍ରଫେସର, ୪୫୮ଟି ସହଯୋଗୀ ପ୍ରଫେସର, ୨୬୧ଟି ପ୍ରଫେସର ଓ ୨,୩୨୫ଟି କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏହା ଶିକ୍ଷାର ଗୁଣବତ୍ତା, ଛାତ୍ର ମେଣ୍ଟରିଂ, ଗବେଷଣା ଉତ୍ପାଦନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ବିଡମ୍ବନାର ବିଷୟ ଯେ, ଓଡିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ଭାରତୀୟ ଜନତା ପାର୍ଟି ଦୀର୍ଘ ୧୪ ମାସ ହେଲା ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି କରିପାରିଲା ନାହିଁ । ମହାମହିମ ଜଣାଇଥିଲେ ଯେ ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଚାଲିଛି ଏବଂ ଶୀଘ୍ର ଏହା ସମ୍ପନ୍ନ ହେବ । ସେ ଏହା ମଧ୍ୟ ଆଶ୍ୱାସନା ଦେଇଥିଲେ ଯେ ଛାତ୍ରଛାତ୍ରୀଙ୍କ ହିତ ଓ ଶିକ୍ଷାଗତ ଉନ୍ନତି ପାଇଁ ଦୀର୍ଘଦିନ ଧରି ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରାଯିବ।

# ମୁଖ୍ୟ ସଚିବଙ୍କୁ ସାକ୍ଷାତ କଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର,୧୪।୨ (ମହାଭାରତ):** ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଗତକାଲି ଓଡ଼ିଶାର ମୁଖ୍ୟ



ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ସହଯୋଗମୂଳକ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଉପରେ ଉଭୟଙ୍କ ମଧ୍ୟରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ, ଡ. ବିଶ୍ୱାସ ମୁଖ୍ୟ ଶାସନ ସଚିବଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡ଼ିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ଗବେଷଣା ଏବଂ ଡାକ୍ତରୀ ଶିକ୍ଷାପ୍ରଦାନ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି ଆଣିବା, ସାଂସ୍ଥାଗତ ସହାୟତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଲୋକଙ୍କ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବା ପାଇଁ ସମନ୍ୱିତ ପ୍ରୟାସ, ପାରସ୍ପରିକ ସହଯୋଗ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ଏମ୍ସ ଭୁବନେଶ୍ୱର ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ରାଜ୍ୟର ସାମଗ୍ରିକ ଲାଭ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବାକୁ ଆଗକୁ ବଢାଇବା ଏବଂ ସାଂଗଠନିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେ ନିରନ୍ତର ସମର୍ଥନ ଏବଂ ମିଳିତ ପ୍ରତିବଦ୍ଧତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କର୍କଟ ନିରାକରଣ ଅଭିଯାନ

**ଭୁବନେଶ୍ୱର,୧୪।୨ (ମହାଭାରତ):** କର୍କଟ ଭଳି ଦୁଃସାଧ୍ୟ ବ୍ୟାଧିକୁ ପରାସ୍ତ କରିହେବ। ଜୀବନ ଯୁଦ୍ଧରେ ଲଢୁଥିବା କର୍କଟ ରୋଗୀକୁ ଜିତାଇ ଆଣି ମୁହଁରେ ହସ ଫୁଟାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍। ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ, ଅଭିଜ୍ଞ ଡାକ୍ତରୀ ଟିମ୍ ଏବଂ ଉପଯୁକ୍ତ ସେବା ଓ ଯତ୍ନକୁ ଏକତ୍ରିତ ଭାବେ ଏହି କର୍କଟ ବିରୁଦ୍ଧ ଲଢ଼େଇରେ ସାମିଲ କରିଛି ପ୍ରସିଦ୍ଧି ଲାଭ କରିଥିବା ଏହି ହସ୍ପିଟାଲ୍। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ବିଶ୍ୱ କର୍କଟ ଦିବସରେ କର୍କଟ ରୋଗକୁ ପରାସ୍ତ କରିବା ପାଇଁ କିଭଳି ମହତ ପ୍ରୟାସ କରାଯାଉଛି ସେ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ହସ୍ପିଟାଲ୍ କର୍ତ୍ତୃପକ୍ଷ। ହସ୍ପିଟାଲର ମେଡିକାଲ୍ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି, ରେଡିଏସନ ଅଙ୍କୋଲୋଜି, କ୍ଲିନିକାଲ୍ ହେମାଟୋଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ୍, ପେଡିଆଟ୍ରିକ୍ ହେମାଟୋଅଙ୍କୋଲୋଜି, ପେନ୍ ଆଣ୍ଡ ପାଲିଆଟିଭ କେୟାର ବିଭାଗ ସମେତ ମଲିକ୍ୟୁଲାର ଆଣ୍ଡ ଜେନେଟିକ ଲ୍ୟାବ ଓ ହିଷ୍ଟୋପାଥୋଲୋଜି ଲ୍ୟାବ ମିଳିତ ଭାବେ କର୍କଟ ରୋଗୀଙ୍କର ଚିକିତ୍ସା କ୍ଷେତ୍ରରେ ସାମିଲ ହୋଇ ରୋଗୀଙ୍କ ରୋଗ ଚିହ୍ନଟ ଠାରୁ ଆରମ୍ଭ କରି ସେମାନଙ୍କ ଚିକିତ୍ସା ଓ ସେମାନଙ୍କୁ ସୁସ୍ଥ ଓ କ୍ୟାନ୍ସର ମୁକ୍ତ କରିବାରେ ସମସ୍ତ ସାହାଯ୍ୟ ଓ ସହଯୋଗ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର। ସେହିପରି କ୍ୟାନ୍ସର ଚିକିତ୍ସା ନେଇ ମେଡିକାଲ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି ଓ ରେଡିଏସନ୍ ଅଙ୍କୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ଏବଂ ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଗଠିତ ଟ୍ୟୁମର ବୋର୍ଡ କେଉଁ ରୋଗୀଙ୍କୁ କିଭଳି ଚିକିତ୍ସା କରାଯିବ ତା'ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ଚିକିତ୍ସା ପରିଚାଳନା କରୁଛନ୍ତି।

# ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ ମାନଦଣ୍ଡ ସ୍ଥାପନ

**ଭୁବନେଶ୍ୱର,୧୪।୨ (ମହାଭାରତ):** ରୟାଲ ଆର୍କେଡ ଆସୋସିଏସନ୍ ଅଫ ଆଲଟିଜ୍ ପକ୍ଷରୁ ୨୦୨୫-୨୬ ବର୍ଷ ନିମନ୍ତେ ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିବିଏମ୍) ୮ ଫେବୃଆରୀ, ୨୦୨୬ରେ ରୟାଲ ଆର୍କେଡ, ରଘୁନାଥପୁର, ଭୁବନେଶ୍ୱର ଠାରେ ଅନୁଷ୍ଠିତ




ହୋଇଥିଲା। ଏହି ବୈଠକ ଓଡ଼ିଶାରେ ବ୍ୟବସାୟିକ କଂପ୍ଲେକ୍ସର ସୁସଂଗଠିତ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ରୟାଲ ଆର୍କେଡ ରାଜ୍ୟରେ ଅନ୍ୟତମ ପ୍ରଥମ ବ୍ୟବସାୟିକ କଂପ୍ଲେକ୍ସ ଭାବରେ ସାମୂହିକ ମାଲିକାନା, ଉତ୍ତରଦାୟିତ୍ୱ ଏବଂ ଗଣତାନ୍ତ୍ରିକ ଉପାୟରେ ପରିଚାଳନା ଲକ୍ଷ୍ୟରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ, ୨୦୨୩ ଅଧୀନରେ କାର୍ଯ୍ୟ କରୁଛି। ଏକ ଆଦ୍ୟ ଗ୍ରହଣକାରୀର ଗୁଣଗୁଡିକ ପ୍ରଦର୍ଶନ କରି ଏହି ଆସୋସିଏସନ ଏକ ସ୍ୱଚ୍ଛ, ଅନୁପାଳନକାରୀ ଏବଂ ବୃତ୍ତିଗତ ଭାବରେ ପରିଚାଳିତ ପରିଚାଳନା ବିଧିବ୍ୟବସ୍ଥା ସ୍ଥାପନ କରିଛି।୨୦୨୪ ଏପ୍ରିଲରେ ନିର୍ବାଚିତ ଏବଂ ରଞ୍ଜନ ଷଡଙ୍ଗୀ (ସଭାପତି)ଙ୍କ ନେତୃତ୍ୱରେ ଏବଂ ତାଙ୍କ ସହିତ ଅଶୋକ ସାହୁ (ଉପସଭାପତି), ଅରୁଣ ପାତ୍ର (ସମ୍ପାଦକ), ସୁଶ୍ରୀ ସୀମା କୁମାରୀ (କୋଷାଧ୍ୟକ୍ଷ) ଏବଂ ତିନିଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲଗ୍ନଜିତ ଦାଶ, ଶ୍ରୀମତୀ ଲାବଣ୍ୟ ପଟ୍ଟନାୟକ ଓ ଶ୍ରୀ ସଞ୍ଜୟ ଜଲାନ୍‌ଙ୍କୁ ନେଇ ଗଠିତ କାର୍ଯ୍ୟନିର୍ବାହୀ କମିଟି ତଥା ବ୍ରିଗେଡିୟର ଡି.ବି. ପାଣି (ନିରାପତ୍ତା ଓ ଶୃଙ୍ଖଳା), ସିଏ ଧନଞ୍ଜୟ ମୋହନ (ଫାଇନାନ୍ସ ଓ ଆକାଉଣ୍ଟିଂ), କ୍ୟାପଟେନ ମନୋଜ ସାହୁ (ଆଇନ)ଙ୍କ ସମର୍ଥନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା। ଏହି କମିଟି ଅନୁପାଳନ, ଉତ୍ତରଦାୟିତ୍ୱ ଏବଂ ସମାବେଶୀ ନିଷ୍ପତ୍ତି ଗ୍ରହଣ ଉପରେ ଦୃଷ୍ଟିନିବଦ୍ଧକାରୀ ସୁସଂଗଠିତ ପ୍ରଶାସନିକ ଓ ଆର୍ଥିକ ପ୍ରକ୍ରିୟାଗୁଡିକ ପ୍ରଚଳନ କରିଛନ୍ତି।

# ମାନାବାର-ଜରତି ଷ୍ଟେସନ ଦ୍ୱିତୀୟ ଲାଇନର ଯାଞ୍ଚ କଲେ ରେଳ ସୁରକ୍ଷା କମିଶନର

**ଭୁବନେଶ୍ୱର,୧୪।୨ (ମହାଭାରତ):** ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ବ୍ରିଜେଶ କୁମାର ମିଶ୍ର ସୋମବାର ଦିନ ମାନବାର ଏବଂ ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନର ଏକ ବିସ୍ତୃତ ବୈଧାନିକ ଯାଂଚ କରିଥିଲେ। ପୂର୍ବ ତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ପ୍ରାୟ ୧୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ କୋଟ୍ଟାଭାଲସା-କିରାଣ୍ଡୁଲ ଦୋହରୀକରଣ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଦୁଇଟି ପ୍ରମୁଖ ସେତୁ ରହିଛି। ଭାରତୀୟ ରେଳପଥର ଆଧୁନିକୀକରଣ ଲକ୍ଷ୍ୟ ଅନୁଯାୟୀ ଦ୍ରୁତ ଗତି, ଭାରୀ ଆକ୍ସଲ୍ ଲୋଡ୍ ଏବଂ ଉନ୍ନତ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରିବା ପାଇଁ ଭିତିଭୂମି ଡିଜାଇନ୍ କରାଯାଇଛି। ଟ୍ରାକ୍, ସେତୁ, ସିଗନାଲିଂ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ପରିମାପକଗୁଡ଼ିକର ବିସ୍ତୃତ ପରୀକ୍ଷା ସମେତ ବ୍ୟାପକ ବୈଧାନିକ ଯାଂଚ କରାଯାଇଥିଲା। କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ



ସଫଳତାର ସହିତ ପାସ୍ କରିଛି, ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି। ଏହି ମାଇଲଖୁଂଟ ନିର୍ମାଣ ସଂଗଠନ,ସିଭିଲ୍ ଇଞ୍ଜିନିୟରିଂ, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ,ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି। ଏହି ଦ୍ୱିତୀୟ ଲାଇନ କାର୍ଯ୍ୟକ୍ଷମ ହେବା ଦ୍ୱାରା ସେକ୍ସନାଲ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ, ଯାତ୍ରୀ ଏବଂ ମାଲବାହୀ ଟ୍ରେନଗୁଡ଼ିକର ସୁଗମ ଏବଂ ଦ୍ରୁତ ଗତିବିଧିକୁ ସହଜ କରିବ, ଟ୍ରେନ ଗୁଡିକର ଅଟକ ରହିବା ସମୟରେ ହ୍ରାସ ସହିତ ଭିଡ଼ ହ୍ରାସ ପାଇବ ଏବଂ ସାମଗ୍ରିକ ପରିଚାଳନାରେ ଉନ୍ନତି ଆସିବ। କୋଟ୍ଟାଭାଲସା-କିରାଣ୍ଡୁଲ୍ ସେକ୍ସନରେ ସୁରକ୍ଷିତ ଏବଂ ଅଧିକ ନିର୍ଭରଯୋଗ୍ୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ସହିତ, ଏହି ଅଞ୍ଚଳର ବର୍ଦ୍ଧିତ ପରିବହନ ଚାହିଦା, ବିଶେଷକରି ଖଣିଜ ଏବଂ ଶିଳ୍ପ ଜାତୀୟ ଦ୍ରବ୍ୟର ସୁଗମ ପରିବହନ କରିବାରେ ଏହି ଦୋହରୀକରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନିରୀକ୍ଷଣ ସମୟରେ, ରେଳ ସୁରକ୍ଷା କମିଶନରଙ୍କ ସହିତ ୱାଲଟ୍ୟୋର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ, ନିର୍ମାଣ ଏବଂ ରେଳ ବିଭାଗର ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

**ଭୁବନେଶ୍ୱର,୧୪।୨ (ମହାଭାରତ):** ସାରା ରାଜ୍ୟରେ ଧାନ କ୍ରୟ ସମସ୍ୟା ଓ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀ କ୍ରୋଧ ଓ ଅସନ୍ତୋସ ବଢ଼ିଚାଲିଛି। ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହିବା ଅତ୍ୟନ୍ତ ଲଜ୍ଜ୍ୟାଜନକ। ଧାନ କିଣା ବିକାରେ ସରକାର, ପ୍ରଶାସନ, ମିଲରମାନଙ୍କ ସଲାସୁତୁରାରେ ବ୍ୟାପକ ହେରଫେର, ପ୍ରତି କ୍ୱିଣ୍ଟାଲରେ ୫କେଜିରୁ ୧୦ କେଜି ପର୍ଯ୍ୟନ୍ତ ବାଧ୍ୟତାମୂଳକ କଟନି ଛଟନି, ମିଲର ମନମାନିରେ ଧାନ ଉଠିବା, ଜାଣିଶୁଣି ଟୋକନ ଇସ୍ୟୁରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ଧାନ କ୍ରୟ କରା ନ ଯିବାରୁ ଟୋକନ ଲାପ୍ସ, ଗୋଦାମ ଘର ଅଭାବ ଯୋଗୁଁ ଧାନ କିଣାରେ ମନ୍ଥର ଲାଗି ରହିଥିବା ବେଳେ ସରକାର ଅଦ୍ୟାବଧି ଏହି ସମସ୍ୟାଟିର ସମାଧାନ ପାଇଁ ଗୁରୁତ୍ୱ ନଦେଇ ଯେଉଁ ଚାଷୀ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ନକଲି ଚାଷୀ କହିବା ଗଣତନ୍ତ୍ରରେ ଏହା ଏକ ହୀନମନ୍ୟତାର ପରିଚୟ। ଯଦି ସରକାର ଅସଲି ଚାଷୀଙ୍କଠାରୁ ଧାନ କିଣୁଛନ୍ତି, ସେମାନଙ୍କ ନାମ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି କାହିଁକି ? ଟୋକନ ଲାପ୍ସ ପାଇଁ ବର୍ତ୍ତମାନ ଦାୟୀ କିଏ ? ସରକାର ଧାନ କ୍ରୟ ନୀତିରେ କହିଲେ ଗତବର୍ଷ ବଡ଼ଚାଷୀଙ୍କଠାରୁ ୫୦୦କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ କିଣାଯାଇଥିଲା। ବଡ଼ଚାଷୀ ଚଳିତବର୍ଷ ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିବେ ବୋଲି ସିଲିଂ କରାଯାଇଛି। ମୋଟ ୫ ଏକର ଜମିରୁ ଏକର ପିଛା ୧୯ କ୍ୱିଣ୍ଟାଲ ହିସାବରେ ଧାନ କ୍ରୟ କରାଯିବ। ଯଦି ବଡ଼ଚାଷୀଙ୍କଠାରୁ ଏହି ହିସାବରେ ୯୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଏ ସରକାର କିପରି ଚଳିତ ଥର୧୫୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ସିଲିଂ କରିଛନ୍ତି ଏହା ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଗତ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ମଧ୍ୟରେ ଚାଷୀଙ୍କ ପାଖରେ ଯେତେ ବଳକା ଧାନ ଅଛି କ୍ୱିଣ୍ଟାଲ ପ୍ରତି ୩୧୬୯ ଟଙ୍କା ଦେଇ ବ୍ୟବସ୍ଥିତ ଢଙ୍ଗରେ ସବୁ ବଳକା ଧାନ କିଣାଯିବା କଥା। କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ ଉପରେ ୬୯ଟଙ୍କା ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ୬୯ଟଙ୍କା ଚାଷୀଙ୍କୁ ଦିଆଯାଉନାହିଁ। ଏବେ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା କ୍ଷେତ୍ରରେ ସରକାର ୨୦୨୪ ସାଧାରଣ ନିର୍ବାଚନରେ ଚାଷୀଙ୍କୁ ଦେଇଥିବା ୮୦୦ଟଙ୍କା ଇନପୁଟ୍ସ ସହାୟତା ନେଇ ଅକଳରେ ପଡ଼ିଛନ୍ତି। ତେଣୁ ଚାଷୀଙ୍କୁ ଭୁଆଁ ବୁଲାଉବା ସାର ହୋଇଛି। ରାଜ୍ୟ ସରକାରଙ୍କ ଧାନ କିଣା କ୍ଷେତ୍ରରେ ଏପରି ବାଚାଳାମି ଯୋଗୁଁ ଗଣତନ୍ତ୍ରରେ ଚାଷୀର ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# କଂଗ୍ରେସର ଅଭିଯୋଗ

ଭୋଟ ଚୋରି କରି କେହି ଶାସନ କ୍ଷମତା ଦଖଲ କରିପାରିବ ଏକଥାକୁ ସାଧାରଣ ଜନତା ସ୍ୱୀକାର କରୁ ନାହାଁନ୍ତି। ବିହାର ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ପରେ ଯେଉଁ ଏକଜିଟ ;ପୋଲ ରିପୋର୍ଟ ପ୍ରକାଶ ପାଇଛି, ସେଥିରେ ଏନଡିଏକୁ ବହୁବତ ମିଳିବା ଏକରକମ ନିଶ୍ଚିତ ହୋଇଯାଇଛି। ଅବଶ୍ୟ ବାସ୍ତବତା କ'ଣ ହେବ ତାହା ଶୁକ୍ରବାର ଭୋଟ ଗଣତି ପରେ ଜଣାପଡ଼ିବ। ଯଦି ,ନଡିଏ ଏହି ନିର୍ବାଚନରେ ବିଜୟ ହାସଲ କରେ ତେବେ ରାହୁଲଙ୍କ ଭୋଟ ଚୋରି ଅଭିଯୋଗ ବା ତଥାକଥିତ ହାଇଡ୍ରୋଜେନ ବୋମା ବିସ୍ଫୋରଣ ନିଷ୍ଫଳ ହେଲା ବୋଲି ଧରିନେବାକୁ ପଡ଼ିବ। ଗତ କିଛି ବର୍ଷ ହେବ ଯେତେବେଳେ କୌଣସି ନିର୍ବାଚନରେ କଂଗ୍ରେସ ପରାଜିତ ହେଉଛି ସେତେବେଳେ ରାହୁଲ ଗାନ୍ଧି ଜନାଦେଶକୁ ସ୍ୱୀକାର କରିବା ପରିବ□ ନିର୍ବାଚନରେ ଗଡ଼ବଡ଼ ଅଭିଯୋଗ କରି ଆସୁଛନ୍ତି। କେତେବେଳେ ଇଭିଏମରେ ଜାଲିଆତି ଅଭିଯୋଗ ଉଠାଉଛନ୍ତି ତ କେତେବେଳେ ଭୋଟର ତାଲିକାରେ ଅନିୟମିତତା କଥା ଉଠାଉଛନ୍ତି। ହରିୟାନା ବିଧାନସଭା ନିର୍ବାଚନରେ ପରାଜୟ ପରେ ସେ ଏହି କଥା ଉଠାଇଥିଲେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡି ମେ□ର ଶୋଚନୀୟ ପରାଜୟ ପରେ ସେ ପୁନର୍ବାର ଜାଲ ଭୋଟର ପ୍ରସଙ୍ଗ ଉଠାଇଲେ। ସେ ଚିନ୍ତା କରିପାରୁନାହାଁନ୍ତି ଯେ, ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଜାଲ ଭୋଟର ହେଲେ ଜଣେ ପ୍ରାର୍ଥୀ ୨୦ରୁ ୪୦ ଭୋଟରେ ଜିତିବ ? ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନରେ ଏଭଳି ଜାଲିଆତି କରିବା ଜିତିବାକୁ ହେଲେ ଅତି କମରେ କୋଟିଏ ଜାଲ ଭୋଟରଙ୍କ ଆବଶ୍ୟକତା ରହିଛି। ଏହା ଅସମ୍ଭବ। ଏବେ ବିହାର ବିଧାନସଭା ନିର୍ବାଚନରେ ମଧ୍ୟ ଅନୁରୂପ କୌଶଳରେ ବିଜେପି ଜିତିବାକୁ ଯୋଜନା କରୁଥିବା ମହିଛନ୍ତି ରାହୁଲ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିହାରରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେବ ବୋଲି ରାହୁଲ ପୂର୍ବାନୁମାନ କହୁଛନ୍ତି। ନିକଟରେ ଗୁଜରାଟରେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ଦଳରେ ରହି କେତେକ ବ୍ୟକ୍ତି ବିଜେପି ପାଇଁ କାମ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏଭଳି ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେ□ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା ? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେ□ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପ□ ନେବେ ତାହା ଚୁଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେବପିର ଏଜେ□। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ।

# ଦିବ୍ୟମାତା ଷୋଡ଼ଶୀବାଳା ଦେବୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

*"ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ ।"*

ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ' । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି 'ହଁ ପାରିବି' କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟ ରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ 'ବଡ଼ବୌ (ବଡ଼ବୋହୁ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?' ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାଙ୍କେଡ଼ି ପଚାରିଲେ ଶାଶୁଦେବୀ – 'ବୋହୂମା' କାନର ମାଙ୍କେଡ଼ି କ'ଣ ହେଲା ?' କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ – 'ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ'ଣ ହେବ ?' ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, – 'ଏଇ ନିଅନ୍ତୁ ମା' ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା'ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।' କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା' ନାମରେ ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି । ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା – 'ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା' ନୁହଁ, ତୁମେ ସାରା ଜଗତର ମା', ତୁମେ ବିଶ୍ୱ ଜନନୀ ।' ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା' । ଆଜକୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ – ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ – ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ – କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' – କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ।

ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ – ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ – ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ।


ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

॥ ଅଜୟ କୁମାର ବେହେରା ॥

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରଦ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଳରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ବନ୍ଧରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରଦ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି। ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଲେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ସଫଳ ହାସ୍ୟ ସାହିତ୍ୟିକ ଫଟୁରାନନ୍ଦ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫଟୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ। ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର। ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ। ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଲଟିଥିଲେ ସାହିତ୍ୟ ସେବକ। ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା। ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା। ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ। ହେଲେ ଜୀବନର ମଧ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ। ଫଟୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ'। ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧ୍ୟବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ। ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ। ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ। ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର। ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ। ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା। ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ। ସେଇଟି ପ୍ରକାଶିତ ହୋଇଥିଲା ଡଗରରେ। ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫଟୁରାନନ୍ଦ ନାମ ଦେଇଥିଲେ। କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫଟୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ। ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫଟୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ। ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା। ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ। ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ। ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି। ବଡ଼ କପଟିଆ ତୁମେ। ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ। ନ ଶୁଣାଇଲେ ଆଉ କଥା ହେବିନି। ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି। ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ। କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା। ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ। ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ। ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ। ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫଟୁରାନନ୍ଦ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କପେନାରେ ମାନବିକତା ଲଜ୍ଜିତ: ୧୩ ବର୍ଷର ଶିଶୁକୁ ମିଳୁନି ମାଟି, ମନ୍ତ୍ରୀଙ୍କ ଗଡ଼ରେ ଚାଲିଛି ଅରାଜକତା



ନବରଙ୍ଗପୁର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର କପେନା ଗ୍ରାମରେ ସବୁ ସୀମା ଅତିକ୍ରମ କରିଛି ସାମ୍ପ୍ରଦାୟିକ ବିଦ୍ୱେଷ। କିଡନୀ ଜନିତ ସମସ୍ୟାରେ ଆଖି ବୁଜିଥିବା ଜଣେ ୧୩ ବର୍ଷର ନିରୀହ ଶିଶୁର ଶବ ସଂସ୍କାରକୁ ନେଇ ଯେଉଁ ସ୍ଥିତି ଉପୁଜିଛି, ତାହା ସଭ୍ୟ ସମାଜ ପାଇଁ ଏକ କଳଙ୍କ। ବିଡ଼ମ୍ବନାର ବିଷୟ ହେଉଛି, ଏହି ଅଞ୍ଚଳରୁ ନିର୍ବାଚିତ ବିଧାୟକ ରାଜ୍ୟ ସରକାରଙ୍କ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ହୋଇଥିବା ବେଳେ ତାଙ୍କରି ନିର୍ବାଚନ ମଣ୍ଡଳୀରେ ଜଣେ ଶିଶୁକୁ କବର ଦେବା ପାଇଁ ମାଟି ଟିକିଏ ମିଳୁନାହିଁ। ଶବକୁ ନେଇ 'ଫ୍ୟାସନ' ପାଲଟିଛି ରାଜନୀତି: ଡଃ ପଲ୍ଲବ ଲିମା ?ଏହି ଘଟଣାକୁ ନେଇ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ସଭାପତି ଡଃ ପଲ୍ଲବ ଲିମା ନିଜର ଶାଣିତ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ନବରଙ୍ଗପୁରରେ ଖ୍ରୀଷ୍ଟିଆନ ମୃତଦେହକୁ ନେଇ ବିଭ୍ରାଟ ସୃଷ୍ଟି କରିବା କିଛି ଅସାମାଜିକ ତତ୍ତ୍ୱଙ୍କ ପାଇଁ ଏବେ ଏକ 'ଫ୍ୟାସନ' ହୋଇଗଲାଣି। ୧୩ ବର୍ଷର ଶିଶୁର ମୃତଦେହକୁ ନେଇ ଯେଉଁ ରାଜନୈତିକ ଫାଇଦା (ଚକ୍ଷକ୍ଷସସ୍ୱସମବକ୍ଷ ଗସକ୍ଷର-ବଶର) ହାସଲ ପାଇଁ ଚେଷ୍ଟା କରାଯାଉଛି, ତାହା ଅତ୍ୟନ୍ତ ବର୍ବର ଏବଂ ଅସାମ୍ବିଧାନିକ। ମନ୍ତ୍ରୀଙ୍କ ଗଡ଼ରେ ସଂଖ୍ୟାଲଘୁମାନଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ସରକାରଙ୍କ ବିଫଳତାକୁ ଦର୍ଶାଉଛି।

ମୌଳିକ ଅଧିକାରର ହତ୍ୟା:
ମୃତ ଶିଶୁର ପରିବାର ନିଜ ପଟା ଜାଗାରେ ଶେଷକୃତ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ଗ୍ରାମର କିଛି ଜିଦ୍‌ଖୋର ଲୋକ ସେଠାରେ ବାଧା ସୃଷ୍ଟି କରୁଛନ୍ତି। ୪୦ରୁ ଅଧିକ ପୋଲିସ ଫୋର୍ସ ମୁତୟନ ଥିଲେ ମଧ୍ୟ ଜଣେ ନିରୀହ ଶିଶୁକୁ ନ୍ୟାୟ ମିଳିପାରୁ ନାହିଁ। ପ୍ରଶାସନର ଏହି ନିରବତା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ?ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ପ୍ରଶ୍ନ: ରାଜ୍ୟର ଜଣେ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ କଣ ଜଣେ ୧୩ ବର୍ଷର ଶିଶୁକୁ କବର ଦେବାକୁ ଜାଗା ମିଳିବ ନାହିଁ? ?ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଏହି ବାରମ୍ବାର ତାଡନା ପାଇଁ କଣ ପ୍ରଶାସନର କୌଣସି ସ୍ଥାୟୀ ସମାଧାନ ନାହିଁ?
ରାଜନୈତିକ ଫାଇଦା ପାଇଁ ସରଳ ଲୋକଙ୍କୁ କାହିଁକି ବିଭ୍ରାନ୍ତ କରାଯାଉଛି?
ଜିଲ୍ଲା ସଂଖ୍ୟାଲଘୁ ପରିଷଦର ସଭାପତି ସୁଧୀର ପାତ୍ର,ସମ୍ପାଦକ ଗୌରବ କାଉରୀ ଓ ଅନ୍ୟ ସଦସ୍ୟମାନେ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ତୁରନ୍ତ ଏହି ମୃତ ଶିଶୁର ଶବ ସଂସ୍କାର ପାଇଁ ବ୍ୟବସ୍ଥା ନକଲେ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ଶାନ୍ତି ଶକ୍ତି ଭବନରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍ ଘାଟିତ



ଆସିକା, (ମହାଭାରତ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ପ୍ରଦର୍ଶନୀ ପଡିଆରେ ତ୍ରିଦିବସୀୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍ଘାଟିତ ହୋଇଯାଇଛି ।ଏହି ତ୍ରିଦିବସୀୟ ମେଳାର ଉଦଘାଟନୀ ସମାରୋହରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ଜ୍ୟୋତିର୍ଲିଙ୍ଗଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ ଆସ୍କା ସୁଗାର ଇଣ୍ଡଷ୍ଟ୍ରୀ ର ମ୍ୟାନେଜିଂ ଡାଇରେକ୍ଟର ଡାଃ ସୁଶାନ୍ତ କୁମାର ପଣ୍ଡା, ଅବସର ପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନ ଆସ୍କାର ସାଙ୍ଗଠନିକ ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା,କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ପ୍ରଭାତୀ ଉପସ୍ଥିତ ସଭାକୁ ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ଗୁଣର ସାଗର ଶିବ ପିତାଙ୍କ ଠାରୁ ଗୁଣରୂପୀ ଖଜଣାରେ ଭରପୁର ହେବା ଆମ ଜୀବନର ଲକ୍ଷ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଏକ ବିରଳ ପରିକଳ୍ପନା ଏବଂ ଚିନ୍ତାମୁକ୍ତ ଜୀବନଶୈଳୀ ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ସମୟର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ।

## ଯୁବ ସଭାପତି ହେଲେ ଗୁପ୍ତ ପ୍ରସାଦ ଝାଙ୍କର

ରାଇଘର, (ମହାଭାରତ): ଜିଲ୍ଲା ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କୁ ସଭାପତିଙ୍କ ଅନୁମୋଦନ କର୍ମେ ବିଜୁ ଜନତା ଦଳର ଯୁବ ସଭାପତି ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି। ଗୁପ୍ତ ପ୍ରସାଦ ଝଙ୍କାର ରାଇଘର ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏହି ଦାୟିତ୍ୱ ପାଇବା ପରେ ନବରଙ୍ଗପୁର ଜିଲ୍ଲା ସଭାପତି ମନୋହର ରନ୍ଧାରିଙ୍କ ସମେତ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ବିଧାୟକ ପ୍ରକାଶ ମାଝୀ ଏବଂ ରାଇଘର ବ୍ଲକ ବିଜୁ ଜନତା ଦଳର କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ସେଲ୍ଫ ଡିଫେନ୍ସ ପ୍ରଶିକ୍ଷଣ ଉଦ୍‌ଯାପିତ




ଜୁନାଗଡ଼, (ମହାଭାରତ): ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଜୁନାଗଡ଼ ରେ ସେଲ୍ଫ ଡିଫେନ୍ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଇତିହାସ ବିଭାଗର ଅଧ୍ୟାପିକା ସାଗରିକା ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ଦୁର୍ଗା ପ୍ରସାଦ ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଓ ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପି.ଆଇ. କଲେଜର ପୂର୍ବତନ ପ୍ରିନ୍ସିପାଲ ବିଭୁତି ଭୂଷଣ ମେହେର, ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ସନ୍ତୋଷ କୁମାର ସିଂହଦେଓ ଏବଂ ଜୁନାଗଡ଼ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଖଗେଶ୍ୱର ଧଙ୍ଗଡାମାଝୀ ଯୋଗଦାନ କରି ଆତ୍ମ ରକ୍ଷା ତାଲିମ ର ବିଶେଷତ୍ୱ ଉପରେ ଅବଲୋକନ କରିଥିଲେ। ସଭା ପରିଚାଳନା ଓଡ଼ିଆ ବିଭାଗର ମୁଖ୍ୟ ବିଶ୍ୱରଞ୍ଜନ ବେହେରା କରିଥିବା ବେଳେ, କୋ-ଓର୍ଡିନେଟର ଅମିତା ମେହେର (ଓଡ଼ିଆ ଅଧ୍ୟାପିକା) ଏବଂ ସହ-କୋଓର୍ଡିନେଟର ସମୀର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣରେ ପ୍ରାୟ ୮୦ ଜଣ ଛାତ୍ରୀ ଅଂଶଗ୍ରହଣ କରି ସେଲ୍ଫ ଡିଫେନ୍ସ ଶିକ୍ଷା ଗ୍ରହଣ କରିଥିବା ସହିତ ସାର୍ଟିଫିକେଟ ପ୍ରାପ୍ତ କରିଥିଲେ।

## ସାଇ ଇଣ୍ଟରନେସନାଲ ହୋଟେଲ ପକ୍ଷରୁ ବ୍ଲାକ ଡେ ପାଳିତ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଗଜପତି ଷ୍ଟାଡିୟମ ସମ୍ମୁଖରେ ଥିବା ସାଇ ଇଣ୍ଟରନେସନାଲ ହୋଟେଲ ପକ୍ଷରୁ ବ୍ଲାକ ଡେ ପାଳିତ ହୋଇଯାଇଛି। ୨୦୧୯ମସିହା ଫେବୃଆରୀ ୧୪ ତାରିଖରେ ପୁଲଓ୍ୱାମା ଆଟାକରେ ସହୀଦ ହୋଇଥିବା ବୀର ଯବାନ ମାନଙ୍କ ସ୍ମୃତିରେ ଆଜି ସାଇ ଇଣ୍ଟରନେସନାଲ ହୋଟେଲ ପକ୍ଷରୁ ବ୍ଲାକ ଦିବସ ପାଳନ କରାଯାଇଛି।ସନ୍ତୋଷ କୁମାର ସେନାପତି ଙ୍କ ନିର୍ଦ୍ଦେଶ କ୍ରମେ ହୋଟେଲର ମ୍ୟାନେଜର ରାଘବ କୁମାର ବେହେରା ,ଆରୀୟନ ଙ୍କ ସମେତ ହୋଟେଲର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।ଅମର ଆତ୍ମାର ସ୍ମୃତି ଚାରଣ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।ଶହୀଦଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଛନ୍ତି।

## ଟପ୍ ମାଓ ନେତା ଆଜାଦ୍ ବିଷମ କଟକ କୋର୍ଟରେ ହାଜର ହେଲେ



ବିଷମ କଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ପ୍ରଥମ ଶ୍ରେଣୀ ବିଚାର ବିଭାଗ କୋର୍ଟ ରେ ହାଜର ହେଲେ ଟପ୍ ମାଓ ନେତା ଆଜାଦ୍ । ୨୦୧୦ ମସିହା ରେ ଚନ୍ଦ୍ରପୁର ଠାରେ ହୋଇଥିବା ଟେଲିଫୋନ ଏକ୍ସଚେଞ୍ଜ ଟାୱାର ଓ ବିଇଓ ଅଫିସ୍ କାର୍ଯ୍ୟ ଲୟ କୋଠା କୁ ବମ୍ ଦ୍ୱାରା ଉଡ଼ାଇଥିଲେ । ଏହି ମାମଲା ରେ ସେହି ସମୟ ରେ ଆଜାଦ୍, ସବ୍ୟସାଚୀ ପଣ୍ଡା ଓ ନିଖିଲ ସାହ ପ୍ରାୟ ଦୁଇ ଶହ ର ଅଧିକ ସସସ୍ତ୍ର ମାଓବାଦୀ ଏହି କାର୍ଯ୍ୟ କ୍ରମ ରେ ସାମିଲ ଥିଲେ । ଏହି ମାମଲା ର ଶୁଣାଣି ପାଇଁ ଆଜି ବିଷମ କଟକ କୋର୍ଟ ରେ ହାଜର ହେଲେ ଆଜାଦ୍ । ଏହା ସହ ବିଭିନ୍ନ ପ୍ରକାର ଅସ୍ତ୍ର ଶସ୍ତ୍ର ରଖିବା ମାମଲାର ମଧ୍ୟ ଶୁଣାଣି ଥିଲା । ପରେ ପାରଳାଖେମୁଣ୍ଡି ଠାରେ ଆଜାଦ୍ ଇ ସମସ୍ତ କେସ କୁ ଏକ ସ୍ୱତନ୍ତ୍ର କୋର୍ଟ କୁ ଆଜାଦ୍ ନାମରେ ଥିବା କେସ କୁ ପାରଳାଖେମୁଣ୍ଡି ଠାରେ ବିଚାର କରିବାକୁ ସୁପ୍ରିମ କୋର୍ଟ ରାୟ ଦେଉଛନ୍ତି । ଏ ହାକୁ ଅଧକ୍ଷର କରି ଆଜାଦ୍ ନାମରେ ଥିବା ଏହି ମାମଲା କୁ ବିଚାର କରି ପାରଳାଖେମୁଣ୍ଡି କୋର୍ଟ କୁ ସ୍ଥାନାନ୍ତର୍ କରି ଝାର ପୋଡ଼ା ଜେଲ୍ କୁ ପଠାଯାଇଥିବା ବରିଷ୍ଠ ଆଇନ ଯିବି ଲକ୍ଷ୍ମୀ ନାରାୟଣ ପଟନାୟକ ସୁଚନା ଦେଉଛନ୍ତି ।

## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଚାଷୀମାନଙ୍କୁ ଧାନ ଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ




ପାରାଦୀପ, (ମହାଭାରତ): ଜୀବିକା କାର୍ଯ୍ୟକ୍ରମ ଅଧିନରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରକଳ୍ପ ଅଂଚଳର ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଏହି ସହାୟତା ପ୍ରଦାନ କରାଯାଉଛି। ବିଶେଷ କରି କୃଷକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଶେଷଜ୍ଞଙ୍କ ସହାୟତାରେ ଗ୍ରାମସ୍ତରୀୟ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ କୃଷକ ଏବଂ ମହିଳା ହିତାଧିକାରୀଙ୍କ ଉତ୍ପାଦର ଉତ୍ପାଦନ ଏବଂ ବିପଣନ ସମ୍ବନ୍ଧରେ ଜ୍ଞାନ ଆଧାରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସାହାଯ୍ୟ କରିଛି । ଧାନ ଚାଷ ପାଇଁ ପ୍ରାୟ ୧୩୦୦ ଚାଷୀଙ୍କୁ ବିହନ/ସାର ଯୋଗାଇ ଦିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ୨୦୨୨ ମସିହାରୁ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯାହା ଏରସମା ବ୍ଲକ୍‌ର ଢିଙ୍କିଆ ଚାରିଦେଶରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ସମନ୍ୱିତ ଇସ୍ପାତ କାରକାନା ପ୍ରକଳ୍ପ ହେତୁ ପରୋକ୍ଷରେ ପ୍ରଭାବିତ ପରିବାରକୁ ବିକଳ୍ପ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟକାରୀ କରିଛି । ଉନ୍ନତ ପଦ୍ଧତିରେ ଧାନ ଚାଷ, ପନିପରିବା ଚାହ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏସମ୍ପର୍କରେ ମାଆ ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ସଭାପତି କହିଛନ୍ତି ଆମେ ଯେତେବେଳେ ଜୀବିକା ହରାଇଲୁ ଜୀବିକା ଅନ୍ୱେଷଣରେ ଧାନ ଚାଷକୁ ଆମେ ବାଛି ନେଲୁ । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ତାଲିମ ଦିଆଗଲା ନୂତନ ଜ୍ଞାନକୌଶଳରେ ଧାନ ଚାଷ କରିଛୁ । ରୋଗପୋକ ନିୟନ୍ତ୍ରଣ ହୋଇପରୁଛି ବୋଲି କହିଛନ୍ତି ।

## ସହିଦ ସ୍ମୃତି ଦିବସ ପାଳନ

ବାଲିପାଟଣା, (ମହାଭାରତ): ସାରା ଦୁନିଆ ଆଜି ଭାଲେଣ୍ଟାଇଁନସ୍ ଡେ ପାଳନ କରିଥିବା ବେଳେ ସମାଜସେବୀ କିନ୍ତୁ ଭିନ୍ନ ଏକ ପ୍ରୟାସ କରିଛନ୍ତି। ରାଜଧାନୀ ଉପକଣ୍ଠ ବାଲିପାଟଣା କଇଁଯଙ୍ଗା ଅଞ୍ଜିରା ଲୁଣା ଗ୍ରାମରେ ଯୁବ ସମାଜସେବୀ ଅରବିନ୍ଦ ବେହେରା ନୂଆ ପ୍ରୟାସ କରିଛନ୍ତି। ଗ୍ରାମର ସମସ୍ତ ସଦସ୍ୟ ମାନଙ୍କୁ ଏକାଠି କରି ମହମବତୀ ଲଗାଇ ଏକ ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ। ସହିଦ ମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରିବା ସହିତ ସେମାନଙ୍କ ଅମର ଆତ୍ମାର ସଦଗଟି ପାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅରବିନ୍ଦ ଙ୍କ ର ଏଭଳି ପ୍ରୟାସ କୁ ଗ୍ରାମର ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦନ ନାୟକ, ରାଧେଶ୍ୟାମ, ମନମୋହନ ଓ ପୀତବାସ ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ନାଲକୋ

ଅନୁଗୋଳ,(ମହାଭାରତ):ଆଉ ମାତ୍ର କେଇଟା ଦିନ ପରେ ଦ୍ୱାଦଶ ଓ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ, ନାଲକୋ କଲୋନୀ ପରିସରରେ ଆୟୋଜିତ ଆଦିବାସୀ ମେଳାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମେଳା ଯୋଗୁଁ ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣ, ଭିଡ଼ଭାଡ଼ ଓ ଅସୁବିଧାଜନକ ପରିବେଶ ପରୀକ୍ଷା ପାଇଁ ପ୍ରସ୍ତୁତିରତ ପିଲାମାନଙ୍କ ପାଠାଧ୍ୟୟନକୁ ବାଧା ଦେଉଛି । ଅଭିଭାବକମାନଙ୍କ ପ୍ରଶ୍ନ ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ କଲୋନୀ ପରିସର ମଧ୍ୟରେ ମେଳା ଆୟୋଜନ ପାଇଁ କିଏ ଅନୁମତି ପ୍ରଦାନ କଲା ? ଏହା ନାଲକୋ ପ୍ରଶାସନଙ୍କ ନିଷ୍ପତ୍ତି ନା ଜିଲ୍ଲା ପ୍ରଶାସନଙ୍କ ଅନୁମୋଦନରେ ହୋଇଛି, ସେଥିନେଇ ସ୍ୱଷ୍ଟତା ନଥିବା ଅଭିଯୋଗ ହେଉଛି। ଅନ୍ୟପଟେ, କିଛି ବ୍ୟବସାୟୀ କଲୋନୀର କ୍ୱାଟରରେ ରହୁଥିବା ଦୃଶ୍ୟମାନ ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ନାଲକୋ କଲୋନୀର ସୁରକ୍ଷାକୁ ନେଇ ନାଲକୋର ନିୟୋଜିତ ଘରୋଇ ସୁରକ୍ଷାକର୍ମୀମାନେ ପାରିପାର୍ଶ୍ୱିକ ଅଞ୍ଚଳର ଲୋକମାନଙ୍କୁ କଲୋନୀ ମଧ୍ୟକୁ ଛାଡୁ ନ ଥିବାବେଳେ କିପରି ଭାବରେ ବ୍ୟବସାୟୀମାନେ ବାହାରୁ ଆସି ନାଲକୋ କଲୋନୀ ମଧ୍ୟରେ ବସବାସ କରିବା ସହ ବ୍ୟବସାୟ କରୁଛନ୍ତି। କଲୋନୀ ପରିସରରୁ ଗତ କିଛି ଦିନ ପୂର୍ବରୁ ଏକ କ୍ୱାଟରରୁ ଜଣେ ମହିଳାଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହେବା ଘଟଣା ସମଗ୍ର କଲୋନୀର ସୁରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିଲା।

## ବିଷମକଟକ ଥାନାର ନୂତନ ଆଇଆଇସି ଭାବେ ସମର୍ପିତା ସ୍ୱାଇଁଙ୍କ କାର୍ଯ୍ୟଭାର ଗ୍ରହଣ

ବିଷମକଟକ, (ମହାଭାରତ): ବିଷମକଟକ ଥାନାରେ ନୂତନ ଥାନା ଅଧିକାରୀ (ଆଇଆଇସି) ଭାବେ ସମର୍ପିତା ସ୍ୱାଇଁ ବୁଧବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶ୍ରୀ ପାଢ଼ୀଙ୍କୁ ଅମ୍ବାଦଳା ଥାନାକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ ଯେ, ଶ୍ରୀମତୀ ସ୍ୱାଇଁ ଏହା ପୂର୍ବରୁ ଗୁଡାରି ଥାନାରେ ଆଇଆଇସି ଭାବେ ସଫଳତାର ସହ କାର୍ଯ୍ୟ କରୁଥିଲେ। ବିଷମକଟକ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବିଶେଷ କରି: ଚୋରି ରୋକିବା, ଟ୍ରାଫିକ ସମସ୍ୟାର ସମାଧାନ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର। ଏହି ସବୁ ଦିଗ ପ୍ରତି ସେ ସର୍ବାଧିକ ପ୍ରାଥମିକତା ଦେବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ପରେ ସ୍ଥାନୀୟ ଅଞ୍ଚଳରେ ପୋଲିସ ପ୍ରଶାସନ ଅଧିକ କ୍ରିୟାଶୀଳ ହେବ ବୋଲି ଜନସାଧାରଣ ଆଶା ପ୍ରକଟ କରିଛନ୍ତି।

## ଗ୍ରାମେଶ୍ୱର ମନ୍ଦିରରେ ଜାଗର ପାଇଁ ପ୍ରସ୍ତୁତି

ଏରସମା, (ମହାଭାରତ) : ରାତି ପାହିଲେ ଜାଗର। ଏରସମା ବ୍ଲକ୍ ଅନ୍ତର୍ଗତ ପଞ୍ଚ ପଲ୍ଲୀ ବିଜେ ଗ୍ରାମେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପାଇଁ ସବୁ ପ୍ରକାରର ସୁ ବନ୍ଦୋବସ୍ତ ଗ୍ରାମେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ, ପଞ୍ଚ ପଲ୍ଲୀ ଗ୍ରାମବାସୀଙ୍କ ପକ୍ଷ ରୁ କରଯାଇଛି । ଆଲୋକି କରଣ, ପାନୀୟ ଜଳ, ଶୃଙ୍ଖଳା ଦରଶନର ବ୍ୟବସ୍ଥା ହୋଇଛି। ଏରସମା ପୋଲିସ ପକ୍ଷ ରୁ ନିଜେ ଥାନା ଅଧିକାରୀ ପ୍ରେମଜିତ ଦାସଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି । ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଗାଡ଼ି ସହିତ ଟିମ୍ ମୁତୟନ ହୋଇଛନ୍ତି । ଗ୍ରାମେଶ୍ୱର କ୍ଲବ୍ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯିବା ସହିତ ମନ୍ଦିର ବେଢା ମଧ୍ୟରେ ସୂଚନା କେନ୍ଦ୍ର ଖୋଲା ଯାଇ ଅଛି । ପଞ୍ଚାୟତ ପକ୍ଷ ରୁ ସଫେଇ କରାଯିବା ସହିତ ପରିଚାଳନା ବୋର୍ଡ ତରଫ ରୁ ସବୁ ପ୍ରକାର ସହଯୋଗ କରାଯାଉଛି ବୋଲି ସଭାପତି ଶିଶିର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି । ଜିଲ୍ଲା ତଥା ନିକଟସ୍ଥ ପୁରୀ, କଟକ, କେନ୍ଦ୍ରାପଡ଼ା ଜିଲ୍ଲା ରୁ ସହସ୍ରାଧିକ ଶ୍ରଦ୍ଧାଳୁ ମାନେ ଯୋଗ ଦେଇଛନ୍ତି।

## ବାଂଶପାଳରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକରେ ସିଜିଆଇଏରା କ୍ଲାଇମେଟ୍ ଆକ୍ସନ୍ ପ୍ରୋଗ୍ରାମ୍ ଅଧୀନରେ ଜଳବାୟୁ-ସହନଶୀଳ, ନେଟ୍-ଜିରୋ ଏବଂ ସମାନତାମୂଳକ ଭବିଷ୍ୟତ ପାଇଁ ଖାଦ୍ୟ,ଜମି ଓ ଜଳ ପ୍ରଣାଳୀର ପରିବର୍ତ୍ତନ କୁ ବିଜ୍ଞାନ,ନବୀନତା ଓ ସହଯୋଗ ମାଧ୍ୟମରେ ଆଗେଇ ନେବାକୁ ଉଦ୍ଦିଷ୍ଟ ହୋଇ, ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟି ଏବଂ ଇଣ୍ଟରନ୍ୟାସନାଲ୍ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଙ୍କ ସହଯୋଗରେ ଅଗଷ୍ଟ ୨୦୨୫ରେ ଓଡିଶାର ବାଂଶପାଳ ରେ ଏକ "ଲିଭିଂ ଲ୍ୟାବ୍" ଗଠନ କରାଯାଇ ଥିଲା। ଏହି ପ୍ରୟାସକୁ ଆହୁରି ସୁଦୃଢ କରିବା ପାଇଁ ଫେବୃଆରୀ ତା ୧୧ ଓ ୧୨ ରିଖରେ ଦୁଇ ଦିନିଆ ଚେଞ୍ଜ ଏଜେଣ୍ଟ୍ କର୍ମଶାଳା ଆୟୋଜନ ହୋଇଛି। ଏହି କର୍ମଶାଳା ରେ ପିଢୋ ପରମ୍ପରାଗତ ପ୍ରଶାସନର ମୁଖ୍ୟ ସରପଞ୍ଚ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମହିଳା ନେତୃତ୍ୱ ସମୁଦାୟ ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ସଂସ୍ଥା ଓ ପେଶାର ପ୍ରତିନିଧି ମାନେ ଯୋଗଦେଇ ଛନ୍ତି। କର୍ମଶାଳାର ମୁଖ୍ୟ ଫଳାଫଳ ହେଲା ବାଂଶପାଳ ବିକାଶ ମଞ୍ଚ ମଧ୍ୟରେ ଭୂମିକା ଓ ଦାୟିତ୍ୱର ସ୍ପଷ୍ଟୀକରଣ,ଯାହା କୁ ବାଂଶପାଳ ର ଜଳବାୟୁ ସମସ୍ୟା ଗୁଡ଼ିକୁ ସମାଧାନ ପାଇଁ ଏକ "ଲିଭିଂ ଲ୍ୟାବ୍" ଭାବରେ ଦୃଷ୍ଟିକୋଣ କରାଯାଇଛି। ବାଂଶପାଳ ବିକାଶ ମଞ୍ଚ 'ଲିଭିଂ ଲ୍ୟାବ୍'ଜଳବାୟୁ ପରିବର୍ତ୍ତନର ଉଦ୍ଭବିତ ଚ୍ୟାଲେଞ୍ଜ ମାନ ଙ୍କୁ ମୁହାଁ ଦେବା ପାଇଁ ସହଯୋଗ,ନବୀନତା ଓ ସମୁଦାୟ-ନେତୃତ୍ୱ ଭିତ୍ତିକ ସମାଧାନ କୁ ପ୍ରୋତ୍ସାହନ ଦେବ। ଏହି କର୍ମଶାଳା ଆଲୋଚନା ସମୟରେ ସଦସ୍ୟ ମାନେ ବାଂଶପାଳ ବିକାଶ ମଞ୍ଚର ସଫଳତା କାହାଣୀ କୁ ଅଲୋଚନା କରିଥିଲେ । ଏଥି ରେ ଚାଲୁଥିବା ଜଳବାୟୁ-ପ୍ରଭାବିତ ସମସ୍ୟା ମାନଙ୍କ ଉପରେ ମନନ କରିଥିଲେ। ସଦସ୍ୟ ମାନେ ବଦଳୁ ଥିବା ବର୍ଷା ପ୍ରକୃତି ଓ ବଢୁଥିବା ତାପମାତ୍ରା ପ୍ରତି ଚିନ୍ତା ବ୍ୟକ୍ତ କରିଥିଲେ । ଯାହା ଫସଲ ଉତ୍ପାଦନ,ଜଳ ଉପଲବ୍ଧତା ଏବଂ ସ୍ଥାନୀୟ ପରିସ୍ଥିତି ତନ୍ତ୍ରର ସ୍ୱାସ୍ଥ୍ୟ କୁ ନକାରାତ୍ମକ ପ୍ରଭାବ ପକାଉ ଛି। ସଦସ୍ୟ ମାନେ ତଳସ୍ତର ର ଅନୁଭବ କୁ ନିଜ ନିଜ ମଧ୍ୟରେ ଆଲୋଚନା କରିଛନ୍ତି । ଏହି ଚ୍ୟାଲେଞ୍ଜ ଗୁଡ଼ି କୁ ମୁକାବିଲା ପାଇଁ ସମୂହ ଭିତ୍ତିକ କୌଶଳ ଓ ଅନୁକଳନ ମୂଳକ ନବୀନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଔପଚାରିକ ଭାବରେ ବାଶପାଳ ବିକାଶ ମଞ୍ଚ ର ଗଠନ କୁ ୧୫ଜଣ ସଦସ୍ୟ ବିଶିଷ୍ଟ ଏକ ସଂରଚନା ଭାବରେ ନିର୍ଦ୍ଧାରିତ କରାଯାଇ ଛି। ଯେଉଁଥିରେ କନ୍ଭିନର, ସହ-କନ୍ଭିନର ଓ ଏକ ବୋର୍ଡ ରହିବ। ସଦସ୍ୟ ମାନେ ଗଣତାନ୍ତ୍ରିକ ଭାବରେ ଆଗାମୀ ସଭା କୁ ପୁନର୍ବାର ଏପ୍ରିଲ୍ ୧୩ ଆୟୋଜନ ର ନିଷ୍ପତ୍ତି ନେଇ ଯାଇଛି।

## କବି ବୃନ୍ଦାବନ ସୁଆରଙ୍କ ୧୧୨ ତମ ଜୟନ୍ତୀ ପାଳିତ



– ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ଭଣ୍ଡାରୀ ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ କବି ବୃନ୍ଦାବନ ସୁଆରଙ୍କ ୧୧୨ ତମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ପାରଳାଖେମୁଣ୍ଡିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇ ଯାଇଛି। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଗବେଷକ ଉପାନ୍ତ ପହରି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡକ୍ଟର କଲ୍ୟାଣି ମିଶ୍ର, ପ୍ରାବନ୍ଧିକ ହର ପ୍ରସାଦ ସୁଆର, ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ ପ୍ରମୁଖ ମଞ୍ଚାସିନ ଥିଲେ।ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ଆରମ୍ଭ କରିଥିଲେ।ଅଞ୍ଜନା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବୃନ୍ଦାବନ ସୁଆରଙ୍କ ଲିଖିତ ପୁସ୍ତକ ଓ ଜୀବନୀ ଉପରେ ଅତିଥିମାନଙ୍କ ଦ୍ୱାରା ବିସ୍ତୃତ ଆଲୋଚନା ହୋଇ ଥିଲ।ଏହି ଅବସରରେ କବି ବୃନ୍ଦାବନ ସୁଆରଙ୍କ ଉତ୍କଳସମ୍ପଦ, ଓ ପତିତପାବନ ଜଣାଣ ଉପରେ ବିସ୍ତୃତ ଆଲୋଚନା କରାଯାଇ ଥିଲା।ପ୍ରମୋଦ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶଶୀ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କପ୍ତିପଦା ଉପଖଣ୍ଡ ସ୍ତରୀୟ ବ୍ରାହ୍ମଣ ମହାସଭା ତରଫରୁ ବୃନ୍ଦାବତୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା

ଉଦଳା (ମହାଭାରତ): ଆଜି ଅପରାହ୍ନ ୪ ଘଟିକା ସମୟରେ ଉଦଳା ମହାବିଦ୍ୟାଳୟ ନୁଳଙ୍କଓ଼ୀ ମାଉସିମା ମନ୍ଦିର ପ୍ରାଙ୍ଗଣରେ ସଭାପତି ଶ୍ରୀ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ସଂଘର ୮ତମ ବୈଠକ ଅନୁ୍ତ ହୋଇଅଛି ।ସଂଘର ଆଜୀବନ ସଭ୍ୟ ଗିରିଶ ଚନ୍ଦ୍ର ମହାପାତ୍ର, ଶିରିଶଚନ୍ଦ୍ର ମହାପାତ୍ର ଓ ଚକ୍ରଧର ମହାପାତ୍ରଙ୍କର ମାତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ତରଫରୁ ଶୋକସଭା ଅନୁ୍ତ ହୋଇ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ପରିବାର ବର୍ଗକୁ ସ୍ୱାନ୍ତନା ପ୍ରଦାନ କରାଯାଇଅଛି । ବୃନ୍ଦାବତୀ ମହାପାତ୍ର, କ୍ଷେତ୍ରମୋହନ ମହାପାତ୍ରଙ୍କ ସହଧର୍ମିଣି ଥିଲେ ସେ ଜଣେ ମିଷ୍ଟଭାଷୀ ଧର୍ମପରାୟଣା ଅଧାମ୍ଭିକବାଦି ମହିଳା ଥାଇ ବୈରାଟପୁର ଅଂଚଳରେ ସୁଖ୍ୟାତି ଥିଲେ ସଂଘର ଉପସ୍ଥିତ ସଭ୍ୟମାନେ ତାଙ୍କର ଗୁଣାବଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ ।ଉକ୍ତ



ବୈଠକରେ ସଂଘର ସାଧାରଣ ସଂପାଦକ ରଂଜନ କୁମାର ପ୍ରହରାଜ, ପ୍ରତାପ ଚନ୍ଦ୍ର ଷଷଙ୍ଗୀ, ରଜତ କୁମାର ପଣ୍ଡା, ତ୍ରିଲୋଚନ ରଥ, ସରୋଜ କୁମାର ପଣ୍ଡା, ବନମାଳୀ ପଣ୍ଡା, ମନନ୍ମୟ କୁମାର ପ୍ରହରାଜ, ବଂଶୀଧର ପତ୍ରି, ବ୍ରହ୍ମଚରୀ ସତିସ, ସୁଶାନ୍ତ କୁମାର ପଣ୍ଡା, ପ୍ରଭାକର ପଣ୍ଡା, ସୁରେନ୍ଦ୍ର ସତପଥି ଓ ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦିନ ଦ୍ୱିପ୍ରହରରେ ଲୁଟ,ଲୋକେ ଆତଙ୍କିତ

ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଠାରେ ଦିନ ଦ୍ୱିପ୍ରହର ରେ ଅଜଣା ବ୍ୟକ୍ତିଙ୍କୁ ମାଡ଼ ମାରି ଲୁଟ ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଖବର ନେବାରୁ ଜଣାପଡିଛି ଯେ,ଯୋଡା ପୌର ପୟଳିକାୟ ଅଧକ୍ଷ ଙ୍କ ଘରକୁ ଭୁବନେଶ୍ୱର ରୁ ଏମ ଡି ସଲମାନ୍ ନାମକ ଜଣେ ବ୍ୟକ୍ତି ଘର କାମ କରି ବାକୁ ଆସିଥିଲା ।ତାଙ୍କ ଘର କାମ ସାରି ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ବଂଯଶପୟଣି ଷ୍ଟେସନ କୁ ଯାଉ ଥିବା ବେଳେ ଯୋଡା ଟିସ୍କୋଗେଟ୍ ନିକଟରେ ପହଂଚି ସେଠାରେ ଥିବା ୪/୫ ଜଣ ଯୁବକ ଙ୍କୁ ବଂଯଶ ପାଣି ରେଳ ଷ୍ଟେସନ ର ଠିକଣା ପଚାରିଥିଲେ ।ଉକ୍ତ ଯୁବକ ମାନେ ତାଙ୍କୁ ଷ୍ଟେସନ କୁ ନେଇଯିବେ କହି ଗେଟ୍ ଠାରୁ ନିକଟ ରେ ଥିବା ମାଉସୀ ମା ମନ୍ଦିର ଆଡ଼କୁ ନେଇ ଯାଇଥିଲେ ।କିଛି ବାଟ ଗଲା ପରେ ଏମ ଡି ସଲମାନ୍ ଙ୍କୁ ଉକ୍ତ ଯୁବକ ମାନେ ଟାଣି ନେଇ ତାଙ୍କୁ ପ୍ରବଳ ମାଡ଼ ମାରି ତଳେ ପକାଇ ସେ ଧରିଥିବା ମୋବାଇଲ ଫୋନ,ବ୍ୟାଗ ଓ ମୋନୀ ପର୍ସ ଛଡ଼ାଇ ନେଇ ଦୌଡ଼ି ପଳାଇ ଥିଲେ ।ଏହି ଘଟଣା ଦୂର ରୁ କିଛି ଲୋକ ଦେଖି ପାରି ଗେଟ୍ ନିକଟରେ ଥିବା ସୁରକ୍ଷା କର୍ମୀ ଙ୍କୁ ଜଣାଇବା ପରେ ସୁରକ୍ଷା କର୍ମୀ ମାନେ ଯାଇ ତାଙ୍କୁ ଉଦ୍ଧାର କରି ଟାଟା ଷ୍ଟିଲ ଡାକ୍ତରଖାନାୟ କୁ ନେଇ ଥିଲେ ।ତାଙ୍କର ମୁଣ୍ଡ ଫାଟି ଯାଇଥିବାରୁ ଡାକ୍ତରଖାନାୟରେ ଚିକିତ୍ସୟ କରାଯାଇଥିଲା ।ଖବର ପାଇ ଯୋଡା ପୋଲିସ ଡାକ୍ତରଖାନାୟରେ ପହଞ୍ଚି ଏମ ଡି ସଲମାନ୍ ଙ୍କ ଠାରୁ ବୟାନ ନେବା ପରେ ଘଟଣାର ତଦନ୍ତ ଆରମ୍ଭ କରି ଥିବା ପୋଲିସ ସୂଚନା ଦେଇଛି।

# ପାଣି ପାଇଁ ସ୍କୁଲ ଛୁଟି, ୧୨୦ ଛାତ୍ର ଛାତ୍ରୀଙ୍କ ଭାଗ୍ୟ ଏବେ ସ୍କୁଲ ହାତରେ



କରଞ୍ଜିଆ,(ମହାଭାରତ) :ପାଣି ପାଇଁ ସ୍କୁଲ ଛୁଟି। ୧୨୦ ଛାତ୍ର ଛାତ୍ରୀଙ୍କ ଭାଗ୍ୟ ଏବେ ସ୍କୁଲ ଅଧକ୍ଷକ ହାତରେ,କଥା ଟିକିଏ ଅଡୁଆ ଲାଗି ପାରେ ହେଲେ ଏହାର ବାସ୍ତବ ଚିତ୍ର ଆସିଛି ଠାକୁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ । ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଠାରେ ପ୍ରତିଷ୍ଠା ହୋଇଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅବସ୍ଥା ଏବେ ନକହିବା ଭଲ। ଏହି ବିଦ୍ୟାଳୟ ୨୦୨୪ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଉଦଘାଟନ ହୋଇ ଥିବା ବେଳେ ବିଦ୍ୟାଳୟରେ ପ୍ରଥମ ବର୍ଷ ଷଷ୍ଠ ଶ୍ରେଣୀରେ ୬୦ ଜଣ ଛାତ୍ର ଙ୍କୁ ଉକ୍ତ ସ୍କୁଲ ରେ ଆଡ଼ମିଶନ କରାଯାଇଥିଲା,ହେଲେ ନୂତନ ଭାବରେ ର୍ନିମାଣ ହେଉଥିବା ବିଦ୍ୟାଳୟର କିଛି କାର୍ଯ୍ୟ ବାକି ଥିବାରୁ ଆଡ଼ମିଶନ ହୋଇଥିବା ୬୦ ଜଣ ଛାତ୍ରଙ୍କୁ ଉଦଳା ଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରଖାଯାଇ ସେଠାରେ ପିଲା ମାନଙ୍କୁ ପାଠ ପଢା ଯାଉଥିଲା। ପରବର୍ତ୍ତୀ ବର୍ଷ ମଧ୍ୟ ୬୦ ଜଣ ଙ୍କୁ ଆଡ଼ମିସନ ନିଆ ଯାଇ ଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମିଶାଇ ମୋଟ ୧୨୦ ଜଣ ଛାତ୍ର ଉଦଳା ଏକଲବ୍ୟ ଆବାସିକ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିଲେ। କିନ୍ତୁ ୨ ବର୍ଷ ପରେ ଏହି ୧୨୦ ଜଣ ଛାତ୍ର ଙ୍କୁ ଆଡ଼ମିଶନ ହୋଇ ଥିବା ନିଜ ବିଦ୍ୟାଳୟ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରହି ପାଠ ପାଇବାକୁ ଉଦଳା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରୁ ସ୍ଥାନାନ୍ତର ହୋଇ ଆସିଥିବା ଏହି ୧୨୦ ଜଣ ଛାତ୍ର ଏବେ ନିଜ ଏକଲବ୍ୟ ଆବାସିକ ବିଦ୍ୟାଳୟ ସାତକୋଶିଆ ଠାରେ ନଥିବା ର ଜଣାପଡ଼ିଛି ।ଏହି ଛାତ୍ର ମାନେ ଏବେ କେଉଁଠାରେ ରହି ଅଧ୍ୟୟନ କରୁଛନ୍ତି ତାହା ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏ ବିଷୟରେ ଏକଲବ୍ୟ ଆଦର୍ଶ ସ୍କୁଲର ପ୍ରିସନପାଲ ଙ୍କୁ ପଚାରିବାରୁ ସେ କହିଲେ ବିଦ୍ୟାଳୟ ପରିସରରେ ପାଣି ସମସ୍ୟା ଥିବାରୁ ଛାତ୍ର ଛାତ୍ରୀଙ୍କୁ ତାଙ୍କ ଘରକୁ ପଠାଇ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ ଏବଂ ଏବିଷୟରେ ଜିଲ୍ଲା ପ୍ରଶାସନ ଓ ବିଭାଗିୟ ଅଧିକାରୀ ଙ୍କୁ ଜଣାଇ ଦେଇଥିବା ପ୍ରକାଶ କରିଥିଲେ। ଏବିଷୟରେ ଠାକୁରମୁଣ୍ଡା ବିଡ଼ିଓ ଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି ବୋଲି କହିଥିଲେ। କରଞ୍ଜିଆ ପିଏଆଇଟିଡିଏ ଙ୍କୁ ପଚାରିବାରୁ ସେ କହିଲେ ଏବେ ସ୍କୁଲ ବିଷୟରେ ଆମେ ବୁଝୁ ନୁ ସ୍କୁଲ ରିପିଆର କାର୍ଯ୍ୟ ଆମେ ବୁଝୁ। ତେବେ ଏଠାରେ ପ୍ରଶ୍ନ ଉଠେ କି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ କାହାକୁ ଜଣାଇ ଏପରି ୧୨୦ଛାତ୍ରଙ୍କ ଭବିଷ୍ୟତ ଉପରେ ଖେଳୁଛନ୍ତି, ବର୍ତ୍ତମାନ ପରୀକ୍ଷା ଦେବାର ସମୟ। ଏହି ସମୟରେ ସ୍କୁଲ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ । ବର୍ତ୍ତମାନ ରାଜ୍ୟ ସରକାର ହେଉ କିମ୍ବା କେନ୍ଦ୍ର ସରକାର ଶିକ୍ଷା ନୀତିକୁ ପରିବର୍ତ୍ତନ କରିବାକୁ ପ୍ରଚେଷ୍ଟା କରୁଥିବା ବେଳେ ,ମାନ୍ୟବର ବିଧାୟକ କରଞ୍ଜିଆଙ୍କ ନିଜସ୍ ବ୍ଲକରେ ଗତ ୧୪ ଦିନ ହେଲା ପାଣି ପାଇଁ ସ୍କୁଲରେ ତାଲା ପଡିଥିବା ବେଳେ ଏ ସମ୍ପର୍କରେ ବିଧାୟକ ଜାଣି ଛନ୍ତି କି ନାହିଁ ? ଯଦି ଜାଣି ଛନ୍ତି ତେବେ ବିଦ୍ୟାଳୟରେ ତୁରନ୍ତ ପାଣି ସମସ୍ୟା ଦୂର କରିବା ଦିଗରେ ଠୋସ ପଦକ୍ଷେପ ଗ୍ରହଣ କରିବେ କି ? ବର୍ତ୍ତମାନ ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ, ସେହିପରି ଜିଲ୍ଲାପାଳ ମଧ୍ୟ ଆଦିବାସୀ ହଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଆଦିବାସୀ ତଥାପି ଗୋଟିଏ ଆଦିବାସୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ପାଣି ପାଇଁ ୧୪ ଦିନ ବନ୍ଦ କରିବା ଏକ ଆଦିବାସୀ ମାନଙ୍କ ଉପରେ ଅନ୍ୟ ଆଦିବାସୀ ବାବୁ ମାନଙ୍କ ଅତ୍ୟାଚାର ନାହିଁ ତ, ଆଦିବାସୀ ସ୍କୁଲ ନାମରେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ରେ ର୍ନିମାଣ ହୋଇଥିବା ସ୍କୁଲରେ ସାମନ୍ୟ ପାଣି ପାଇଁ ସ୍କୁଲ ବନ୍ଦ ହେବା ସ୍ଥାନୀୟ ଲୋକେ ଗ୍ରହଣ କରି ପାରୁନାହାନ୍ତି , ଯଦି ସ୍କୁଲ ଟି ତୁରନ୍ତ ଖୋଲିବା ଦିଗରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ ତେବେ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନକୁ ସାମ୍ନା କରିବ ଜିଲ୍ଲା ପ୍ରଶାସନ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଚତୁର୍ଥ ଉତ୍କଳ କୃଷିମେଳା ୨୦୨୬ ଉଦଯାପିତ




ଗଜପତି ଜିଲ୍ଲା ସଦର ମହକୁମାପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଣ୍ଟୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣ ଉଦଯାପିତ ହୋଇଯାଇଛି ।ଏହି ମେଳାରେ ଚାଷୀ ଗବେଷକ, ଉଦ୍ୟୋଗୀ, ଛାତ୍ର,କୃଷକ ଉତ୍ପାଦକ କମ୍ପାନୀ (ଋଚଉ) ଏନ ଜୀ ଓ ଏବଂ ସରକାରୀ ବିଭାଗ ଅଂଶଗ୍ରହଣ କରିଥିଲେ ।ଯାହା ତୃଣମୂଳ ସ୍ତରରେ କୃଷି ବିକାଶ ଏବଂ ଗ୍ରାମୀଣ ପରିବର୍ତ୍ତନ ପ୍ରତି ବିଶ୍ୱ ବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃର୍ନିମାଣ କରିଥିଲା ।ଏହି ମେଳାରେ ୭୦ ଟି ଷ୍ଟଲ ପଦର୍ଶିତ ହୋଇଥିଲା। ଯେଉଁଥିରେ କୃଷି ପ୍ରଯୁକ୍ତି ବିଦ୍ୟା କୃଷି ଯନ୍ତ୍ରପାତି, ମୁଲ୍ୟଯୁକ୍ତ, ଉତ୍ପାଦ,ମତ୍ସ୍ୟ ଚାଷ ଏବଂ ପଶୁ ପାଳନ ଉନ୍ନତି ଏବଂ ଜଳବାୟୁ ସ୍ମାର୍ଟ କୃଷି ସମାଧାନ ପଦର୍ଶିତ ହୋଇ ଥିଲା, ଏହି ମେଳାର ମୂଳ ଲକ୍ଷ୍ୟ ହେଲା କୃଷକଙ୍କ ଜୀବିକା ର୍ନିବାହରେ ଉନ୍ନତି ଆଣିବା ଏବଂ ସ୍ଥାୟୀ କୃଷି କୁ ପ୍ରୋତ୍ସାହିତ କରିବା।ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଡକ୍ଟର ଅନିତା ପାତ୍ର,ପ୍ରଫେସର ଏସ୍ ପି ନନ୍ଦ, ଡୀନ୍ (ପ୍ରଶାସକ), କୃଷି ଏବଂ ଆନୁଷଙ୍ଗିକ ବିଦ୍ୟାଳୟର ପ୍ରଫେସର ଡକ୍ଟର ସାଗର ମୈତ୍ର,ଡୀନ୍ ଏମ୍ ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ ଏଗ୍ରିକଲଚର ପ୍ରଫେସର ଡକ୍ଟର ଆର କେ ସ୍ୱାଇଁ, ଡୀନ୍ ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ବିଦ୍ୟାଳୟ ପ୍ରଫେସର ଗିରିଶ କୁମାର ମହାନ୍ତି,ଡୀନ୍ଏକ୍ସଟେନ୍ସନ ଡକ୍ଟର ରିତେଶ କୁମାର,ଛାତ୍ର କଲ୍ୟାଣ, ଡକ୍ଟର ସମ୍ବିତ ସ୍ୱାଇଁ,ସହଯୋଗୀ ଡୀନ୍ କୃଷି ଏବଂ ବାୟୋ ଇଂଜିନିୟରିଂ, ଡକ୍ଟର ଏସ୍ ଏସ୍ ସନ୍ଧ୍ୟା, ଭାଇସ ପ୍ରିନ୍ସିପାଲ, ସ୍କୁଲ ଅଫ ନର୍ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ ।ଏହି କାର୍ଯ୍ୟକ୍ରମ ଓଡ଼ିଶାର ତୃଣମୂଳ ସ୍ତରରେ କୃଷି ବିକାଶ ଏବଂ କୃଷକ ମାନଙ୍କ ଉନ୍ନତି ଉପରେ କେନ୍ଦ୍ରିତ ଥିଲା ।ସେଣ୍ଟୁରିଆନ ବିଶ୍ ବିଦ୍ୟାଳୟର ପ୍ରଫେସର ଡକ୍ଟର ଏସ୍ ପି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ସ୍ତରୀୟ ଦୁଇଦିନିଆ ସାମାଜିକ ସେବା ଶିବିର ଉଦ୍ଘାଟନ

ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ର ତନୟା ଆଶ୍ରମ ସ୍କୁଲ ଗ୍ରାମ ବିକାଶ କଇଁପୁର ଠାରେ ପବିତ୍ର ମହାଶିବ ଶିବରାତ୍ରି ଉପଲକ୍ଷେ ଭକ୍ତମାନଙ୍କ ପାଇଁ ପ୍ରସାଦ ପ୍ରସ୍ତୁତି କରିବା ସହ ପ୍ରସିଦ୍ଧ ଶୈବ ପୀଠ ମହେନ୍ଦ୍ରଗିରି ଠାରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲା ଶିକ୍ଷାଧିକାରୀ ଡ଼ ମାୟାଧର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିଅର ରେଡ଼କ୍ରସ ଓ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିଠାରେ ହଜାର ହଜାର ଭକ୍ତ ମାନଙ୍କ ପାଇଁ ଶୃଙ୍ଖଳା ର ସହିତ ଜଳପାନ,ପ୍ରସାଦବ□ନ ଓ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିବା ସହ ମହେନ୍ଦ୍ରତନୟା ଗ୍ରାମ ବିକାଶ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରକାଶ କୁମାର ଜେନାଙ୍କ ସହଯୋଗ ରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଜୁନିଅର ରେଡ଼କ୍ରସ ର ପରାମର୍ଶଦାତା ଓ ଭାରତ ସ୍କାଉଟ ଓ ଗାଇଡ଼ ର ସ୍କାଉଟମାଷ୍ଟର ଓ ଗାଇଡ଼ କ୍ୟାପଟେନ ନିରନ୍ତର ପରିଶ୍ରମ କରି ହଜାର ହଜାର ଭକ୍ତଙ୍କୁ ଖେଚୁଡ଼ି ଓ ମିଠା ଅର୍ଣ୍ଣ ବଣ୍ଟନ କରି ସ୍ଥାନୀୟ ଲୋକଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି ।ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ସଂଜୀବ କୁମାର ଦାସ, ଜିଲ୍ଲା ସମ୍ବଳ ସାଧନ କର୍ମୀ ଶ୍ରୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ସମ୍ବଳ ସାଧନ କର୍ମୀ ଶ୍ରୀ ନୀତେଶ ଲେଙ୍କା, ପରାମର୍ଶଦାତା କୈଳାଶ ଶବର ଏବଂ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ର ଗାଇଡ଼ କ୍ୟାପଟେନ ଦର୍ଶିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ପ୍ରକାଶ ଚନ୍ଦ୍ର ବର୍ଦ୍ଧନ, ସୁବ୍ରତ କୁମାର ନାୟକ, ଅମୀର କାର୍ଜୀ, ଅଭିମନ୍ୟୁ ଗମାଙ୍ଗ,ସନ୍ତୋଷ କୁମାର କଲ୍ୟାଣୀ ପ୍ରମୁଖ ଯୋଗଦାନ କରି ସେବା ଶିବର କୁ ସଫଳ କରିଥିଲେ। ପରିଶେଷରେ ଜିଲ୍ଲାର ବରିଷ୍ଠ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ ଓ ସାହାଯ୍ୟ ର ହାତ ବଢେଇ ଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଓ ଶିବିର ତରଫରୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଉଛି। ଶେଷରେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ର ସ୍କାଉଟ ଓ ରେଡ଼କ୍ରସର ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରି ଶିବିରକୁ ଆକର୍ଷିତ କରିବା ସହ ସଫଳ କରିଥିଲେ।



## ଉଦଜାପନୀ ହେଲା ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଦଶପଲ୍ଲା,(ମହାଭାରତ): ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ର ଉଦଜାପନୀ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନଙ୍କ ତ□ାବଧାନରେ ଉତ୍ସବର ଶୁଭାରମ୍ଭ ହୋଇଥିବା ବେଳେ ଆଇଆଇ ଇସି ନିର୍ଦ୍ଦେଶକ ଡ଼ଃ ଶିଶିର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଓ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ମାଧବ ଚନ୍ଦ୍ର ମିଶ୍ର ଶିକ୍ଷା ସହ କ୍ରୀଡାର ସମନ୍ୱୟ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସହାୟକ ବୋଲି ମତ ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ୧୧ନମ୍ୱର ଜୋନ ଜିଲ୍ଲାପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ, ମଧଖଣ୍ଡ ଗ୍ରାମପଞ୍ଚାୟତର ସରପ□ ସସ୍ମିତା ପ୍ରଧାନ, ଆଲୁମିନ କମିଟି ସମ୍ପାଦକ ଦୁଃଖିଶ୍ୟାମ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ, ସଂଗୀତଜ୍ଞ ଶରତ କୁମାର ସାହୁ,ଆଡ଼ଭୋକେଟ ଶରତ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ବିଦ୍ୟାଳୟ ର ଶିକ୍ଷକ ବିଶ୍ୱମ୍ଭର ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱାଗତ ସଂଗୀତ ବିଦ୍ୟାଳୟ ର ଛାତ୍ରୀମାନେ ଗାନ କରିଥିଲେ।

## ବିଏସଏଫ ପକ୍ଷରୁ ଜନ ସମ୍ପର୍କ ଶିଶିର

# ଦୁର୍ଗମ ଅଂଚଳକୁ ମୁଖ୍ୟ ଧାରା ସହ ଯୋଡ଼ି ରଖିବାକୁ ସର୍ବଦା ପ୍ରୟାସ



ପଡିଆ, (ମହାଭାରତ) ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଥିବା ଆ□ଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଖେଳ ପଡିଆରେ ୧୧୦ ବାଟାଲିଅନ ବିଏସ୍ଏଫ୍ ଯବାନଙ୍କ ପକ୍ଷ୍ୟରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମୁକ୍ତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇ ୫ ଶହରୁ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି ।ପଡିଆ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଭାତୃତ୍ୱ ଭାବ ବଜାଇ ରଖିବା ନେଇ ଆହ୍ୱାନ ଦିଆଯାଇଛି। ଗତ କିଛିବର୍ଷ ଧରି ବିଏସଏଫ ଯବାନ ମାନେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହି ଲୋକଙ୍କ ସହ ଉତ୍ତମ ସମ୍ପର୍କ କରି ଶାନ୍ତିଶୃଙ୍ଖଳା ବଜାଇ ରଖିବାରେ ସଫଳ ହୋଇପାରିଛନ୍ତି। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ସହ ଜବାନ ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ନେତୃବୃନ୍ଦଙ୍କ ସହଯୋଗ ଭାବ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଆତ୍ମରକ୍ଷା କୌଶଳ ବାବଦରେ ପ୍ରଶିକ୍ଷଣ ଦିଆଯିବା ସହ ମାଓ ଚିନ୍ତାଧାରାରୁ ଦୁରେଇ ରହି ଅଞ୍ଚଳର ବିକାଶରେ ସାମିଲ ହେବାକୁ କୁହାଯାଇଛି। ପ୍ରତ୍ୟକ ଗାଆଁ କମିଟି ନିଜ ନିଜ ଗ୍ରାମରେ ପିଲାଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଓ ପୋଷଣ ପ୍ରତି ଦୃଷ୍ଟି ଦେବା ସହ ଏକ ଉତ୍ତମ ବାତାବରଣ ସୃଷ୍ଟି କରିବାକୁ ବିଏସ୍ଏଫ୍ ର ଉଚ୍ଚ ପଦାଧିକାରୀ ଓ ପୋଲିସ ପକ୍ଷ୍ୟରୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲିସ ସହ ଉତ୍ତମ ବୁଝାମଣା ରକ୍ଷା, ପାରିବାରିକ କୋଳହର ଆପୋଷ ବୁଝାମଣା, ବାଲ୍ୟ ବିବାହ କୁ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ବିଏସ୍ଏଫ୍ ପକ୍ଷରୁ କମ୍ବଳ, ସ୍କୁଲ ବ୍ୟାଗ, ଭଲିବଲ୍ସ, ନେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏସଏଫର ଦ୍ୱିତୀୟ ଇନଚାର୍ଜ ଅତୁଲ ଯାଦବ, ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ପଡିଆ ବ୍ଲକ ଅଧକ୍ଷ କଲ୍ୟାଣ ବିଶ୍ୱାସ, ପଡିଆ ବ୍ଲକ ଅଧକ୍ଷ କଲ୍ୟାଣ ବିଶ୍ୱାସ, ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର, ବ୍ଲକ ସହାୟକ ଯନ୍ତ୍ରି ବିଷ୍ଣୁମହାପାତ୍ର, ଏସଆଇ ନିରୋଦ କୁମାର ବାଘ ସମେତ ସ୍ଥାନୀୟ ଅଂଚଳର ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଆମେରିକାରେ ପୁଣି ଜଣେ ଭାରତୀୟ ଛାତ୍ର ନିଖୋଜ



ନ୍ୟୁୟର୍କ: ଆମେରିକାରେ ପୁଣି ଜଣେ ଭାରତୀୟ ଛାତ୍ର ନିଖୋଜ ଅଭିଯୋଗ। ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆରୁ ନିଖୋଜ । କର୍ଣ୍ଣାଟକର ୨୨ ବର୍ଷୀୟ ସାକେତ ଶ୍ରୀନିବାସ । ସାକେତ ଓଓଞ୍ଚ ମାଡ୍ରାସର ପୂର୍ବତନ ଛାତ୍ର ହୋଇଥିବା ବେଳେ ଏବେ ସେ ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ, ବର୍କଲେରେ ମାଷ୍ଟର୍ସ ଡିଗ୍ରୀ କରୁଥିଲେ । ଫେବ୍ରୁଆରୀ ୯ ତାରିଖରୁ ସେ ନିଖୋଜ ଅଛନ୍ତି । ସାକେତଙ୍କୁ ଶେଷଥର ପାଇଁ ବର୍କଲେ ହିଲ୍ସର ଲେକ୍ ଆଞ୍ଜା ନିକଟରେ ଦେଖିବାକୁ ମିଳିଥିଲା । ତେବେ ଟିଲଡେନ୍ ଆଞ୍ଚଳିକ ପାର୍କ ନିକଟସ୍ଥ ଏକ ଘର ସାମ୍ନାରୁ ସାକେତଙ୍କ ବ୍ୟାଗ୍ ମିଳିଛି, ଯେଉଁଥିରେ ତାଙ୍କର ପାସପୋର୍ଟ ଏବଂ ଲାପଟପ୍ ରହିଥିଲା । ଯାହାକୁ ନେଇ ତନାଘନା ଆରମ୍ଭ କରିଛି ପୋଲିସ । ସାକେତଙ୍କ ସହପାଠୀ ବନିତ ସିଂ.ନିଖୋଜ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ । ମାମଲାରେ ସାନଫ୍ରାନ୍ସିସ୍କୋରେ ଥିବା ଭାରତୀୟ କନସୁଲେଟ୍ ସ୍ଥାନୀୟ ପୋଲିସ ଏବଂ ସାକେତଙ୍କ ପରିବାର ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି । ସାକେତଙ୍କ ବିଷୟରେ ସୂଚନା ମିଳିଲେ, ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ଜଣାଇବାକୁ ଅନୁରୋଧ କରାଯାଇଛି ।

## ବିମାନରେ ବୋମା ଅଛି... ଇଣ୍ଡିଗୋ ବିମାନ ଭିତରେ କାଗଜ ଖଣ୍ଡରେ ଲେଖାଥିଲା ଧମକପୂର୍ଣ୍ଣ ନୋଟ୍



କୋଲକତା : କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଇଣ୍ଡିଗୋ ବିମାନକୁ ବୋମା ଧମକ। କୋଲକାତା-ଶିଲଂ ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିଛି । ଶିଲଂ ଯାଉଥିବା ଏକ ଇଣ୍ଡିଗୋ ବିମାନ (୬ଇ୩୦୭୪) ରେ ବୋମା ଥିବା ଖବର ମିଳିବା ପରେ ଆତଙ୍କ ଖେଳିଯାଇଛି । ଇଣ୍ଡିଗୋ ବିମାନ ୬ଇ୩୦୭୪ ସକାଳ ୯ଟା ୧୫ ମିନିଟ୍ ରେ କୋଲକାତାରୁ ଶିଲଂ ଅଭିମୁଖେ ଯାତ୍ରା କରିବାର ଥିଲା । ଏହି ସମୟରେ, କ୍ରୁ ସଦସ୍ୟମାନେ ବିମାନର ଶୌଚାଳୟ ବଗିରେ ଏକ ସନ୍ଦେହଜନକ କାଗଜ ପାଇଥିଲେ, ଯେଉଁଥିରେ ବିମାନରେ ବୋମା ଥିବା ଲେଖାଥିଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରର ସୁରକ୍ଷା କର୍ମୀମାନେ ପରବର୍ତ୍ତୀ ସମୟରେ ଇଣ୍ଡିଗୋ ବିମାନ ଯାଞ୍ଚ ଆରମ୍ଭ କରିଥିଲେ । ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇ ଚେକିଂ କାମ ଚାଲିଛି । ଘଟଣା ସମ୍ପର୍କରେ କୋଲକାତା ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି, କୋଲକାତାରୁ ଶିଲଂ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୩୦୭୪ରେ ବୋମା ଥିବା ଏକ କାଗଜ ଖଣ୍ଡରେ ଲେଖାଥିଲା । ଏହି ବିମାନଟି ସକାଳ ୯ଟା ୧୫ ମିନିଟ୍ ରେ କୋଲକାତା ବିମାନବନ୍ଦରରୁ ଉଡ଼ାଣ ଭରିବାର ଥିଲା । ବିମାନରେ ବୋମା ଖବର ଜଣାପଡିବା ପରେ ତୁରନ୍ତ ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯାଇଥିଲା ପରେ ବିମାନଟିକୁ ଆଇସୋଲେସନ ବେକୁ ସ୍ଥାନାନ୍ତର କରାଯାଇଛି ଏବଂ ଯାଞ୍ଚ ଚାଲିଛି ।

## ସାଭାନା ଗୁଥ୍ରିଙ୍କ ମା ନିଖୋଜ ଘଟଣା, ସୂଚନା ଦେଲେ ମିଳିବ ଏକଲକ୍ଷ ଡଲାର

ୱାସିଂଟନ: ନିଖୋଜ ହୋଇଥିବା ଜଣେ ସାମ୍ବାଦିକଙ୍କ ମାଙ୍କୁ ଏଫ୍‌ବିଆଇ ଖୋଜୁଛି। ଏନେଇ ମୋଟା ଅଙ୍କର ପୁରସ୍କାର ମଧ୍ୟ ରଖାଯାଇଛି। ଆରିଜୋନାର ତଦନ୍ତକାରୀମାନେ ନାନସି ଗୁଥ୍ରିଙ୍କ ଘର ନିକଟବର୍ତ୍ତୀ ବାସିନ୍ଦାମାନଙ୍କୁ ତାଙ୍କ ନିଖୋଜ ହେବା ସମୟର ସନ୍ଦେହଜନକ କାର୍ କିମ୍ବା ଲୋକଙ୍କର ଫୁଟେଜ୍ ସେୟାର କରିବାକୁ ଅନୁରୋଧ କରିଛନ୍ତି। ପିମା କାଉଣ୍ଟି ସେରିଫ୍ ବିଭାଗ କହିଛି ଯେ , ଟୁଡେ ସୋର ହୋଷ୍ଟ ସାଭାନା ଗୁଥ୍ରିଙ୍କ ମା ୧୨ ଦିନ ପୂର୍ବେ ନିଖୋଜ ହୋଇଥିଲେ। ସେଥିପାଇଁ ୩.୨ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି। ପଡ଼ୋଶୀମାନଙ୍କୁ ଜାନୁଆରି ଆରମ୍ଭରୁ ସେମାନଙ୍କ ସିସିଟିଭି କ୍ୟାମେରାର ଭିଡ଼ିଓ ସେୟାର କରିବାକୁ ଅନୁରୋଧ କରାଯାଇଛି। ସନ୍ଦେହଜନକ ଯେକୌଣସି ଭିଡିଓ ପାଇଁ ଅନୁରୋଧ କରାଯାଇଛି। ୮୪ ବର୍ଷୀୟା ନାନସି ଗୁଥ୍ରିଙ୍କ ଘର ଚାରିପାଖରେ ଥିବା ପଡ଼ୋଶୀଙ୍କ ଘରେ ଫେଡେରାଲ୍ ଓ ସ୍ଥାନୀୟ କର୍ତ୍ତୃପକ୍ଷ ଘର ଘର ବୁଲି ତଦନ୍ତ କରୁଛନ୍ତି। ତଦନ୍ତରୁ ଏକ ଯୋଡ଼ା ଗ୍ଲୋଭସ୍ ଓ ମୁଖାପିନ୍ଧା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଫଟୋ ମିଳିଛି। ଏହାକୁ ଏଫ୍ ?ବିଆଇ ବିଶ୍ଳେଷଣ କରୁଛି। ତଦନ୍ତର ପ୍ରାରମ୍ଭରେ ତାଙ୍କ ମାଙ୍କ ରକ୍ତ ଚିହ୍ନ ଘର ପାଖରେ ଦେଖିବାକୁ ମିଳିଥିଲା।ଏକ ଡୋରବେଲ୍ କ୍ୟାମେରା ତାଙ୍କ ନିଖୋଜ ରାତିରେ ଜଣେ ମୁଖାପିନ୍ଧା ବ୍ୟକ୍ତିଙ୍କ ଚିତ୍ର କଏଦ କରିଥିଲା। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଏଫ୍ ?ବିଆଇ ପକ୍ଷରୁ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବର୍ଣ୍ଣନା ପ୍ରକାଶ କରାଯାଇଛି। ପୋଷ୍ଟରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି। ଯାହାଙ୍କର ଉଚ୍ଚତା ପ୍ରାୟ ୫ ଫୁଟ ୯ ଇଞ୍ଚ କିମ୍ବା ୫ ଫୁଟ ୧୦ ଇଞ୍ଚ ବୋଲି କୁହାଯାଇଛି। ଏଫ୍‌ବିଆଇ କହିଛି, ଆମେ ଆଶା କରୁଛୁ ଯେ, ଅପଡେଟ୍ ହୋଇଥିବା ବିବୃତି ଆମେ ପାଉଥିବା ସାର୍ବଜନୀନ ସୂଚନା ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିବ। ଏଫବିଆଇ ଫୋନିକ୍ସ ଗୁଥ୍ରିଙ୍କ ନିଖୋଜ ସମ୍ପର୍କରେ ସୂଚନା ପାଇଁ ପୁରସ୍କାର ରାଶି ଏକ ଲକ୍ଷ ଡଲାରକୁ ବୃଦ୍ଧି କରିଛି। କର୍ତ୍ତୃପକ୍ଷ କହିଛନ୍ତି ଯେ, ନାନସି ଗୁଥ୍ରିଙ୍କୁ ତାଙ୍କ ଇଚ୍ଛା ବିରୋଧରେ ନିଆଯାଇଥିଲା। ସେ ଫେବ୍ରୁଆରିରୁ ନିଖୋଜ ଅଛନ୍ତି। ଅଧିକାରୀମାନେ କହିଛନ୍ତି , ସେ ଅନେକ ଔଷଧ ଖାଇଥାନ୍ତି। ସେଗୁଡ଼ିକ ବିନା ତାଙ୍କର ମୃତ୍ୟୁ ହେବାର ଆଶଙ୍କା ରହିଛି।

# ଆସାମ ହାଇୱେରେ ଅବତରଣ କଲା ବାୟୁସେନା ବିମାନ : ମୋଦି ଦେଖିଲେ ଏରିଅଲ ଶୋ, ରାଜପଥରୁ ଉଡ଼ିଲା ରାଫେଲ ଏବଂ ସୁଖୋଇ



ଆସାମ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନ ଦିବ୍ରୁଗଡ଼ ନିକଟସ୍ଥ ମୋରାନ ବାଇପାସରେ ଇଏଲଏଫରେ ଅବତରଣ କରିଛି । ବାୟୁସେନାର ମିଲିଟାରୀ ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ନ୍ୟାସନାଲ ହାଇୱେରେ ଅବତରଣ କରିଛି। ଏହି ବିମାନଘାଟି ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଚୀନ ସୀମାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଅବସ୍ଥିତ । ଉତ୍ତର-ପୂର୍ବରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସାମରିକ ଏବଂ ବେସାମରିକ ବିମାନର ଅବତରଣ ଏବଂ ଉଡ଼ାଣକୁ ସହଜ କରିବା ପାଇଁ ବାୟୁସେନା ଇଏଲଏଫ ନିର୍ମାଣ କରିଛି । ଏହା ପ୍ରାକୃତିକ ବିପର୍ଯ୍ୟୟ ଏବଂ ଯୁଦ୍ଧ ପରି ପରିସ୍ଥିତିରେ ଉତ୍ତର-ପୂର୍ବରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ।

ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାଫେଲ ଏବଂ ସୁଖୋଇ ସମେତ ୧୬ ଟି ଲଢୁଆ ବିମାନ ମୋରାନ ରାଜପଥରେ ଶକ୍ତି ପ୍ରଦର୍ଶନ କରିଥିଲେ । ବିମାନଟି ରାଜପଥରୁ ହିଁ ଅବତରଣ ଏବଂ ଉଡ଼ାଣ ପ୍ରଦର୍ଶନ କରିଥିଲା । ଏହି ଶକ୍ତି ପ୍ରଦର୍ଶନ ୩୦ ମିନିଟ୍ ଧରି ଚାଲିଥିଲା । ଜରୁରୀକାଳୀନ ଅବତରଣ ସୁବିଧା ହେଉଛି ଏକ ହାଇୱେ ଷ୍ଟ୍ରିପ୍ ଯାହା ସାଧାରଣତଃ ଯାନବାହାନକୁ ସେବା ଯୋଗାଇଥାଏ କିନ୍ତୁ ଆବଶ୍ୟକ ହେଲେ ଏହାକୁ ବିମାନ ଅବତରଣ ଏବଂ ଉଡ଼ାଣ ପାଇଁ ରନୱେରେ ପରିଣତ କରାଯାଇପାରିବ । ପ୍ରଧାନମନ୍ତ୍ରୀ ଗୌହାଟୀରେ ୫,୪୫୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ଉଦଘାଟନ କରିଛନ୍ତି । ଗତ ତିନି ମାସ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ ଆସାମ ଗସ୍ତ। ଚଳିତ ବର୍ଷ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ୨୦୧୬ ରୁ ଲଗାତାର ଦୁଇ ଥର ପାଇଁ ରାଜ୍ୟରେ ଏନଡିଏ ସରକାର କ୍ଷମତାରେ ଅଛି ।

## ମୁମ୍ବାଇରେ ଭୁଶୁଡ଼ିଲା ମେଟ୍ରୋ ପିଲର, ୪ ଆହତ



ମୁମ୍ବାଇ : ମହାରାଷ୍ଟ୍ରର ମୁମ୍ବାଇର ମୁଲୁଣ୍ଡ (ପଶ୍ଚିମ) ଅଞ୍ଚଳରେ ଏକ ବଡ଼ ଦୁର୍ଘଟଣା । ଏଲବିଏସ ରୋଡରେ ନିର୍ମାଣାଧୀନ ଏକ ମେଟ୍ରୋ ପିଲରର ଗୋଟିଏ ଅଂଶ ହଠାତ୍ ଭାଙ୍ଗି ପଡ଼ିଥିଲା । ଭାଙ୍ଗି ପଡ଼ିଥିବା ସିମେଣ୍ଟ ତଳେ ଅନେକ ଗାଡ଼ି ଚାପି ହୋଇଛି । ପିଲରର କିଛି ଅଂଶ ଏକ ଅଟୋ-ରିକ୍ସା ଉପରେ ମଧ୍ୟ ପଡ଼ିଥିଲା, ଫଳରେ ସେଥିରେ ଯାତ୍ରା କରୁଥିବା ଯାତ୍ରୀ ଆହତ ହୋଇଛନ୍ତି । ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିବା ଜଣାପଡିଛି । ବିଏମସି ଅଧିକାରୀମାନେ କହିଛନ୍ତି ଯେ, ଦୁର୍ଘଟଣାଟି ପ୍ରାୟ ଦିନ ୧୨ଟା ୨୦ ମିନିଟ ସମୟରେ ଘଟିଥିଲା। ଏକ ଅଟୋ-ରିକ୍ସାରେ ଥିବା ୪ ଜଣ ଆହତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ବଡ଼ ବଡ଼ ସିମେଣ୍ଟ ଖଣ୍ଡ ଅଟୋ-ରିକ୍ସାର ପଛ ଭାଗରେ ପଡ଼ିଥିଲା । ସୂଚନା ମିଳିବା ମାତ୍ରେ ରିଲିଫ୍ ଏବଂ ଉଦ୍ଧାର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୁମ୍ବାଇ ଅଗ୍ନିଶମ ବାହିନୀ ତୁରନ୍ତ ଭଗ୍ନାବଶେଷ ସଫା କରିବା ଆରମ୍ଭ କରିଥିଲେ । ସ୍ଥାନୀୟ ପୋଲିସ, ମେଟ୍ରୋ ପ୍ରାଧିକରଣ ଅଧିକାରୀ, ୱାର୍ଡ ପ୍ରଶାସନ କର୍ମଚାରୀ ଏବଂ ୧୦୮ ଆମ୍ବୁଲାନ୍ସ ସେବା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି । ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ଏବଂ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଇଥିଲା । ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ନିର୍ମାଣାଧୀନ ପିଲରଟି ଦୁର୍ବଳ ଥିଲା । ତେବେ ଦୁର୍ଘଟଣାର ସଠିକ୍ କାରଣ କେବଳ ବୈଷୟିକ ତଦନ୍ତ ପରେ ଜଣାପଡ଼ିବ । ମେଟ୍ରୋ ପ୍ରକଳ୍ପରେ ଜଡିତ ଇଞ୍ଜିନିୟର ଏବଂ ଠିକାଦାର କମ୍ପାନିର ଅଧିକାରୀମାନଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଛି । ପୋଲିସ ଅଞ୍ଚଳକୁ ଘେରାବନ୍ଦୀ କରିଛି ।

## ଆମେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଟିକେଟ୍ ବୁକ୍ କରିଛୁ, ଥରେ ସେ ମଣିପୁର ଯାଆନ୍ତୁ: ପବନ ଖେଡା

ନୂଆଦିଲ୍ଲୀ: ଆସାମ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଅନେକ ମହଲରେ ସ୍ୱାଗତ କରାଯାଉଥିବା ବେଳେ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ନେତା ପବନ ଖେଡା। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ପୋଷ୍ଟ କରି ମୋଦୀଙ୍କୁ ହିଂସା ପ୍ରଭାବିତ ମଣିପୁର ଗସ୍ତ କରିବାକୁ ଦାବି କରିଛନ୍ତି। ତେବେ ପବନ ଖେଡାଙ୍କ ଏହି ପୋଷ୍ଟ ରାଜନୈତିକ ଝଡ଼ ସୃଷ୍ଟି କରିଛି। ପବନ ଖେଡା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ନିର୍ବାଚନ ନିକଟତର ଥିବା ରାଜ୍ୟଗୁଡ଼ିକ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ହୋଇଯାଇଛି। ନିର୍ବାଚନ ପାଖେଇ ଆସିଲେ ସେହି ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀଙ୍କ ଘନ ଘନ ଗସ୍ତ ଆରମ୍ଭ ହୁଏ, କିନ୍ତୁ ମଣିପୁରକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ମଣିପୁରରେ ୨୦୨୩ ମସିହାରୁ ହିଂସା ଚାଲିଛି ଏବଂ ପରିସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନାହିଁ। ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଆସାମରେ ଅଛନ୍ତି, ଏବଂ ମଣିପୁର ସେଠାରୁ ବହୁତ ଦୂରରେ ନୁହେଁ। ତେଣୁ, ସେ ସେଠାକୁ ଯାଇ ଲୋକଙ୍କୁ ଭେଟିବା ଉଚିତ। ତାଙ୍କ ମତରେ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ମଣିପୁରର ଲୋକମାନଙ୍କୁ ଆଶ୍ୱସ୍ତି ଦେଇପାରେ। କଂଗ୍ରେସ ନେତା ତାଙ୍କ ପୋଷ୍ଟ ସହିତ ଗୌହାଟିରୁ ଇମ୍ଫାଲ ଯିବା ପାଇଁ ବିମାନ ଟିକେଟର ଏକ ଫଟୋ ସେୟାର କରିଛନ୍ତି। ସେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସୁବିଧା ପାଇଁ ଟିକେଟ ବୁକ୍ କରାଯାଇଛି ଏବଂ ତାଙ୍କୁ କେବଳ ବିମାନରେ ଚଢ଼ିବାକୁ ପଡିବ। ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ନମ୍ବର ନାହିଁ, ତେଣୁ ସେ ସୋସିଆଲ ମିଡିଆରେ ଟିକେଟ ସେୟାର କରୁଛନ୍ତି। କେନ୍ଦ୍ର ସରକାରଙ୍କ ''ପିଏମ କେୟାରସ୍'' ବିଷୟରେ ଉଲ୍ଲେଖ କରି ଖେଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କୁ ମଣିପୁର ଗସ୍ତ କରି ଦେଖାଇବା ଉଚିତ ଯେ ସେ ପ୍ରକୃତରେ ରାଜ୍ୟ ପ୍ରତି ଯତ୍ନବାନ। ୨୦୨୩ ମସିହାରୁ ମଣିପୁରରେ ଜାତିଗତ ହିଂସା ଚାଲିଛି। ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ନିରନ୍ତର ପ୍ରଶ୍ନ ଉଠାଇ ଆସୁଛନ୍ତି, ଯେତେବେଳେ କି ସରକାର କହିଛନ୍ତି, ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ସେପଟେ, କଂଗ୍ରେସର ଏହି ପୋଷ୍ଟ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ସୋସିଆଲ୍ ମିଡ଼ିଆରେ କଂଗ୍ରେସ ସମର୍ଥକମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି।

## ଅଭିନେତା ବିଜୟଙ୍କ ରାଲିରେ ଅଘଟଣ

ଚେନ୍ନାଇ : ଶୁକ୍ରବାର ତାମିଲନାଡୁର ସାଲେମରେ ଟିଭିକେ ମୁଖ୍ୟ ଏବଂ ଅଭିନେତା ବିଜୟ ଥାଲାପତିଙ୍କ ଏକ ରାଲିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସାଲେମର ଜଣେ ପୋଲିସ ଅଧିକାରୀ ନ୍ୟୁଜ ଏଜେନ୍ସି ଏଏନଆଇକୁ କହିଛନ୍ତି ଯେ ରାଲି ସମୟରେ ହୃଦଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ସାଲେମର ସେଭଭାଇପଟାଇ ଅଞ୍ଚଳର ବାସିନ୍ଦା ଥିଲେ ଏବଂ ରୂପା କାରିଗର ଭାବରେ କାମ କରୁଥିଲେ। ତାଙ୍କ ସ୍ତ୍ରୀ ଏବଂ ଗୋଟିଏ ପିଲା ଅଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ବ୍ୟକ୍ତି ଜଣଙ୍କ ବିଜୟଙ୍କ ସାର୍ବଜନୀନ ରାଲିକୁ ଦର୍ଶକ ଭାବରେ ଆସିଥିଲେ। ପୋଲିସ ଅଧିକାରୀ କହିଛନ୍ତି, ‘ସେ ବିଜୟଙ୍କ ଭାଷଣ ସମୟରେ ହଠାତ ତଳେ ପଡ଼ିଗଲେ।’ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବର୍ତ୍ତମାନ ଘଟଣାର ତଦନ୍ତ କରୁଛି। କିଛି ମାସ ପୂର୍ବରୁ କରୁରରେ ଅଭିନେତା ବିଜୟଙ୍କ ରାଲିରେ ଦଳାଚକଟା ଘଟି ପ୍ରାୟ ୪୦ ଜଣଙ୍କର ଜୀବନ ଯାଇଥିଲା।

## କାର୍‌ରେ ଛାତ୍ରୀଙ୍କୁ ବଳାତ୍କାର କଲେ ଯୁବକ

ଭୋପାଳ :ଭୋପାଳରେ ଜଣେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ସହ ବ୍ଲାକ୍‌ମେଲ୍ କରାଯାଇଛି। ବଳାତ୍କାର ସମୟର ଭିଡିଓ ଶୁଟିଂ କରି ତାଙ୍କ ଠାରୁ ଟଙ୍କା ଦାବି କରାଯିବା ସହ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରାଯାଇଥିଲା। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ପୀଡ଼ିତା ଛାତ୍ରୀ ଜଣଙ୍କ ଭୋପାଳର ଶାହାପୁରା ଅଞ୍ଚଳରେ ଏକ ପ୍ରତିଷ୍ଠିତ ସ୍କୁଲରେ ପଢୁଥିଲେ। ଅଉସଫ୍ ଅଲ୍ଲୀ ଖାନ୍ ନାମକ ଯୁବକଙ୍କ ସହ ପରିଚିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା ବେଳେ ଅଉସଫ୍ ?ଛାତ୍ରୀଙ୍କୁ ବାହାରକୁ ବୁଲିଯିବାକୁ କହିଥିଲେ। ବୁଲିବା ନାମରେ ଅଉସଫ୍ ଛାତ୍ରୀଙ୍କୁ ଖାନୁଗାଓଁ ଅଞ୍ଚଳର ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କ କାରରେ ବଳାତ୍କାର କରିଥିଲେ। ବଳାତ୍କାର ବେଳେ ମାଜ୍ ଖାନ୍ କାର ବାହାରେ ଥାଇ ଏହାର ଭିଡିଓ ରେକର୍ଡ କରିଥିଲେ। ସେମାନେ ଛାତ୍ରୀଙ୍କୁ ଏହି ଭିଡିଓ ଦେଖାଇ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଛାତ୍ରୀ ୪୦ ହଜାର ଯୋଗାଡ଼ କରଥିଲେ ହେଁ ଏହି ଦୁଇ ଜଣ ଅଧିକ ଟଙ୍କା ଦାବି କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ଅଉସଫ୍ ଏବଂ ମାଜ ଛାତ୍ରୀଙ୍କ ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି ଛାତ୍ରୀଙ୍କୁ ଇସଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଥିଲେ। ଛାତ୍ରୀ ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଥାନାରେ ଏତଲା ଦିଆଯିବା ପରେ ପୋଲିସ ଅଉସଫ୍ ଏବଂ ମାଜ୍ ଖାନଙ୍କୁ ଗିରଫ କରିଛି। ଏହି ଛାତ୍ରୀଙ୍କ ବ୍ୟତୀତ ଅଉସଫ୍ ପୂର୍ବରୁ ଅନ୍ୟ କୌଣସି ମହିଳାଙ୍କୁ ଟାର୍ଗେଟ କରିଥିଲେ କି ନାହିଁ ସେ ସମ୍ପର୍କରେ ତଦନ୍ତ କରିବାକୁ ଏସ୍ ?ଆଇଟି ଗଠନ କରାଯାଇଛି।

# ଶେଖ ହସିନା-ସୀମାରେ ହତ୍ୟା-ଗଙ୍ଗା ଜଳ ଚୁକ୍ତିନାମା ବିଏନ୍‌ପି ସରକାରଙ୍କ ସମ୍ମୁଖରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ



ଢାକା: ତାରିକ ରହମାନଙ୍କ ନେତୃତ୍ୱାଧୀନ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି ) ଦୁଇ ଦଶନ୍ଧି ପରେ ବାଂଲାଦେଶରେ କ୍ଷମତାକୁ ଫେରିବାକୁ ଯାଉଛି। ସଂସଦୀୟ ନିର୍ବାଚନରେ ଦଳ ଦୁଇ-ତୃତୀୟାଂଶ ଆସନ ଦଖଲ କରି ଏକ ବଡ଼ ବିଜୟ ହାସଲ କରିଛି। ବର୍ତ୍ତମାନ ତାରିକ ରହମାନ ପ୍ରଧାନମନ୍ତ୍ରୀ ହେବା ପ୍ରାୟ ନିଶ୍ଚିତ ହୋଇଥିବାରୁ, ଢାକାର ନୂତନ ସରକାର ଭାରତ ସହିତ ସମ୍ପର୍କକୁ କେଉଁ ଦିଗରେ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ସୂତ୍ର କହୁଛି ଯେ, ନୂତନ ସରକାରଙ୍କ ସମ୍ମୁଖରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେବ ଯେପରି ଶେଖ ହସିନାଙ୍କ ପ୍ରତ୍ୟର୍ପଣ, ସୀମାରେ ହତ୍ୟା ବନ୍ଦ କରିବା ଓ ଗଙ୍ଗା ଜଳ ଚୁକ୍ତିନାମା ନବୀକରଣ ପାଇଁ ଆଲୋଚନା ଆରମ୍ଭ କରିବା।

ବିଏନ୍‌ପି ସୂତ୍ର ଅନୁସାରେ ଶେଖ ହସିନା ଦଳ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ରହିଛନ୍ତି। ଭାରତ ମାଟିରେ ଶେଖ ହସିନାଙ୍କ ଉପସ୍ଥିତି ପ୍ରସଙ୍ଗର ସମାଧାନ କରାଯାଉ। ହସିନା ବାଂଲାଦେଶ ଉପରେ ଭାରତୀୟ ମାଟିରୁ ମନ୍ତବ୍ୟ ଦେଉଛନ୍ତି। ଏକ ହିଂସାତ୍ମକ ଛାତ୍ର ବିଦ୍ରୋହ ପରେ ଶେଖ ହସିନା ୫ ଅଗଷ୍ଟ ୨୦୨୫ରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ଓ ଭାରତ ପଳାଇ ଆସିଥିଲେ। ସେବେଠାରୁ ସେ ଭାରତରେ ଅଛନ୍ତି। ଏକ ସୂତ୍ର କହିଛି ଯେ, ଭାରତରେ ହସିନାଙ୍କ ଉପସ୍ଥିତି ଦୁଇଦେଶର ସମ୍ପର୍କ ସ୍ୱାଭାବିକ କରିବା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ। ବିଏନ୍‌ପି ସୀମାନ୍ତ ହତ୍ୟାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ବର୍ଣ୍ଣନା କରିଛି। ଭାରତୀୟ ବିଏସ୍‌ଏଫ୍ ଦ୍ୱାରା ସୀମାନ୍ତ ହତ୍ୟା ବାଂଲାଦେଶ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଛି। ସୀମାନ୍ତ ଅଞ୍ଚଳରେ ହତ୍ୟାର ରିପୋର୍ଟ ତୁରନ୍ତ କ୍ରୋଧ ସୃଷ୍ଟି କରିଥାଏ। ବିଏନ୍ ?ପି କହିଛି, ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ସ୍ଥିର, ତେଣୁ ଗୁଳି ଚଳାଇବା ଅର୍ଥହୀନ। ସେ ଏହି ମାମଲାରେ ଏକ କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ ବିଏନ୍‌ପି ଆହ୍ୱାନ ଦେଇଛି। ଚୋରା ଚାଲାଣର ସନ୍ଦେହ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଗୁଳି ନୁହେଁ, ଗିରଫ କରାଯିବା ଉଚିତ ବୋଲି ବିଏନ୍‌ପି କହିଛି। ସେହିଭଳି ଅନ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ଗଙ୍ଗା ଜଳ ଚୁକ୍ତିନାମାର ନବୀକରଣ। ଏହା ଡିସେମ୍ବର ୨୦୨୬ ପୂର୍ବରୁ ହେବାକୁ ଅଛି। ଭାରତୀୟ କୂଟନୀତିଜ୍ଞମାନେ କହିଛନ୍ତି ଯେ, ନବୀକରଣ ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ବୈଷୟିକ ଦଳଗୁଡ଼ିକ ପ୍ରତି ଦୁଇ ବର୍ଷରେ ଥରେ ବୈଠକ କରିବା କଥା ଥିଲା, କିନ୍ତୁ ସେମାନେ ଏପରି କରିନାହାନ୍ତି। ବିଏନ୍‌ପି ବାଂଲାଦେଶ ଚୁକ୍ତିନାମାର ନିରପେକ୍ଷ ଏବଂ ସମାନ ସମାପ୍ତି ଦାବି କରିବ ବୋଲି କୁହାଯାଉଛି। ଦୁଇ ଦେଶ ମଧ୍ୟରେ ମେଡିକାଲ ଭିସା ଏକ ପ୍ରମୁଖ ସମସ୍ୟା ହେବ ବୋଲି ଆଶା କରାଯାଉଛି। ସୂତ୍ର ଅନୁଦସାରେ ଭାରତରୁ ପ୍ରଦାନ କରାଯାଇଥିବା ମେଡିକାଲ ଭିସାକୁ ଅପର୍ଯ୍ୟାପ୍ତ ବୋଲି ବିଏନ୍‌ପି ବର୍ଣ୍ଣନା କରିଛି। ବିଏନ୍‌ପି ପକ୍ଷରୁ ମେଡିକାଲ ଭିସାରେ କୋହଳ ଆଭିମୁଖ୍ୟ ଦାବି କରୁଛି। ଏହା ଦୁଇ ଦେଶର ଲୋକଙ୍କ ମଧ୍ୟରେ ଏକ ଉତ୍ତମ ସଂଯୋଗ ପ୍ରଦାନ କରିବ ବୋଲି ବିଏନ୍‌ପି କହୁଛି। ବାଂଲାଦେଶ ନାଗରିକଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ଚୀନ୍ ଯିବାକୁ ବାଧ୍ୟ କରାଯାଉଛି। ଯଦି ଡାକ୍ତରୀ ଭିସା ମନା କରାଯାଏ, ତେବେ ବାଂଲାଦେଶ ଅନ୍ୟ ଏକ ଉପାୟ ଖୋଜିବ। ଆଜିର ବିଶ୍ୱରେ, କୌଣସି ନା କୌଣସି ଉପାୟ ମିଳିଯିବ। କିନ୍ତୁ ସମାନ ସଂସ୍କୃତି ଯୋଗୁ ଭାରତରେ ଚିକିତ୍ସା ପାଇବା ଏକ ଅଧିକ ସହଜ ପ୍ରକ୍ରିୟା ବୋଲି ବିଏନ୍‌ପି ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର, ରବିବାର ୧୫ ଫେବୃଆରୀ ୨୦୨୬
Bhubaneswar, Sunday 15 February, 2026
ମହାଭାରତ
ମଇଦାନ୍
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


## ଉସମାନ୍ ତାରିକ୍ ଦଳର ମୁଖ୍ୟ ଅସ୍ତ୍ର ହେବେ : ଆଗା

# ତାରିକ୍‌ଙ୍କ ପାଇଁ କିଛି ଯୋଜନା ନାହିଁ: ଈଶାନ







**କଲମ୍ବୋ,୧୪।୨:** ରବିବାରର ବହୁଚର୍ଚ୍ଚିତ ଭାରତ-ପାକିସ୍ତାନ ମ୍ୟାଚ୍‌ର ଦିନକ ପୂର୍ବରୁ ପାକିସ୍ତାନର ଅଧିନାୟକ ସଲମାନ ଅଲି ଆଗା କହିଛନ୍ତି ଯେ ସ୍ପିନର ଉସମାନ୍ ତାରିକ୍ ଦଳର ମୁଖ୍ୟ ଅସ୍ତ୍ର ହେବେ। ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦଳ ପାଇଁ ସବୁ ଖେଳାଳି ସମାନ, କିନ୍ତୁ ଗଣମାଧ୍ୟମ ତାରିକ୍‌ଙ୍କୁ ବଡ଼ କରିଦେଇଛି। ଏଣୁ ସେ ଦଳର ମୁଖ୍ୟ ଅସ୍ତ୍ର ହେବେ। ଉସମାନଙ୍କ ଉପରେ ଆସୁଥିବା 'ଚ୍‌କିଂ' ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ତାଙ୍କ ବୋଲିଂ ଆକ୍ସନକୁ ଆଇସିସି ପକ୍ଷରୁ ଦୁଇ ଦୁଇ ଥର ସବୁଜ ସଂକେତ ଦିଆଯାଇଛି। ଏହା ସତ୍ତ୍ୱେ କାହିଁକି ତାଙ୍କ ବୋଲିଂ ଆକ୍ସନକୁ ନେଇ ଚର୍ଚ୍ଚା ହେଉଛି ତାହା ସେ ଜାଣିପାରୁନାହାନ୍ତି। ବିଶ୍ୱକପ୍ ପରି ଆଇସିସି ପ୍ରତିଯୋଗିତାରେ ଭାରତ ବିପକ୍ଷରେ ପାକିସ୍ତାନର ରେକର୍ଡ ଭଲ ନଥିବା ସ୍ୱୀକାର କରି ଆଗା କହିଥିଲେ ଯେ ଇତିହାସକୁ ବଦଳାଇପାରିବା ନାହିଁ, କିନ୍ତୁ ଆମେ ଏହି ମ୍ୟାଚ୍‌ରେ ଭଲ ଖେଳିବାକୁ ଚେଷ୍ଟା କରିବୁ। ତେବେ ବାବର ଆଜମ୍ ଦଳ ପାଇଁ ଚିନ୍ତାର କାରଣ ନୁହନ୍ତି, କାରଣ ସେ ଏବେ ରନ କରୁଛନ୍ତି। ଆସନ୍ତା କାଲି ସମ୍ଭବତଃ ସେ ରନ କରିବେ ବୋଲି ଆଗା ଆଶା ପ୍ରକାଶ କରିଛନ୍ତି। ଟସ୍‌ର ଗୁରୁତ୍ୱକୁ ଅସ୍ୱୀକାର କରି ସେ କହିଛନ୍ତି ଯେ ଟସ୍ ମ୍ୟାଚ୍‌ର ଫଳାଫଳ ନିର୍ଦ୍ଧାରଣ କରିପାରିବ ନାହିଁ। ତୁମେ ଯଦି ଭଲ ଖେଳୁଛ ଜିତିପାରିବ।

କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ ଟସ୍ ନୁହେଁ ବୋଲି ସେ କହିଛନ୍ତି। ରତର ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା ରବିବାର ମ୍ୟାଚ୍‌ରେ ଖେଳିବେ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି ଯେ ପାକିସ୍ତାନ ଶ୍ରେଷ୍ଠ ଦଳ ସହ ଖେଳିବାକୁ ଚାହୁଁଛି। ଭାରତୀୟ ଖେଳାଳିମାନଙ୍କ ସହ ହାତ ମିଳାଇବେ କି ବୋଲି ଏକ ପ୍ରଶ୍ନର ଜବାବରେ ସେ କହିଛନ୍ତି ଯେ ତାହା ଆସନ୍ତା କାଲି ଦେଖାଯିବ। ତେବେ କ୍ରିକେଟ୍‌କୁ କ୍ରୀଡ଼ା ମନୋଭାବ ସହ ଖେଳିବା ଉଚିତ୍ ବୋଲି ଆଗା କହିଥିଲେ। ପାକିସ୍ତାନ ବିପକ୍ଷ ରବିବାର ମୁକାବିଲା ପୂର୍ବରୁ ନାମ୍ବିଆ ବିପକ୍ଷରେ ଭାରତ ୯୩ ରନ୍‌ର ବଡ ବିଜୟ ପାଇଥିଲା। ହେଲେ ଆୟୋଜକ ଭାରତ ଶେଷ ୨ ଓଭର ମଧ୍ୟରେ ମାତ୍ର ୫ ରନ୍‌ରେ ୫ ୱିକେଟ୍ ହରାଇଥିଲା। ଏପରିକି ନାମିବ୍ୟାର ଅନାମଧନ୍ୟ ସ୍ପିନର୍ ଗେରାଲ୍‌ଡ ଏରାସ୍ ମୁସ ୪/୨୦ ବୋଲିଂ ସଫଳତା ପାଇଥିଲେ। ଫଳରେ ପାକିସ୍ତାନର ରହସ୍ୟମୟ ସ୍ପିନର ଉସ୍‌ମାନ୍ ତାରିକ୍‌ଙ୍କୁ ଭାରତୀୟ ବ୍ୟାଟର୍ କିପରି ମୁକାବିଲା କରିବେ ତାହା ଉପରେ ଏବେ ସବୁଆଡ ଚର୍ଚ୍ଚା ଜୋର ଧରିଛି। ହେଲେ ଏହି ଚର୍ଚ୍ଚାକୁ ଭାରତର ତାରକା ବ୍ୟାଟର୍ ଈଶାନ କିଶନ ଅତି ସାଧାରଣ କହି ଏଡାଇ ଦେଇଛନ୍ତି।

# ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚାମ୍ପିଅନସିପରେ ପ୍ରମୋଦଙ୍କୁ ସ୍ୱର୍ଣ୍ଣ




**ଭୁବନେଶ୍ୱର,୧୪।୨:** ଖେଳରତ୍ନ ତଥା ରାଜ୍ୟର ସର୍ବଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ୍ ତାରକା ପ୍ରମୋଦ ଭଗତ ନିଜ ଜାଜ୍ୱଲ୍ୟମାନ କ୍ରୀଡା ଜୀବନରେ ସଫଳତାର ଆଉ ଏକ ଫରଦ୍ଧ ଯୋଡିଛନ୍ତି। ବାହାରିନର ମାନାମାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍‌ର ଏସ୍‌୩ ବର୍ଗର ପୁରୁଷ ଏକକରେ ପୁଣି ଥରେ ବିଜେତା ହୋଇଛନ୍ତି ସେ। ଶନିବାରର ପ୍ରତୀକ୍ଷିତ ଫାଇନାଲ୍‌ରେ ପ୍ରମୋଦ ୨୧-୧୨, ୨୧-୧୮ ସେଟ୍‌ରେ ଇଣ୍ଡୋନେସିଆର ମହମ୍ମଦ ଅଲ ଇମାମଙ୍କୁ ପରାସ୍ତ କରି ଏହି ଐତିହାସିକ ସଫଳତା ଲାଭ କରିଛନ୍ତି। ପ୍ରମୋଦଙ୍କର ଏହା ହେଉଛି ମୋଟ ଉପରେ ଷଷ୍ଠ ଏବଂ ଲାଗାତାର ଚତୁର୍ଥ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ। ତା ସହିତ ସେ ମଧ୍ୟ କିବଂଦନ୍ତି ଲିନ ଡାନ୍‌ଙ୍କ ୫ ବିଶ୍ୱଚାମ୍ପିଅନ୍‌ସିପ୍ ସ୍ୱର୍ଣ୍ଣ ପଦକ ରେକର୍ଡକୁ ଟପି ଯାଇଛନ୍ତି। ପ୍ରମୋଦ ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ରେ ମଧ୍ୟ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ। ଏସ୍‌ଏଲ୍ ୩-ଏସ୍‌ଏଲ୍ ୪ ପୁରୁଷ ଯୁଗଳରେ ସୁକାନ୍ତ କଦମଙ୍କୁ ସାଥୀ କରି ସେ ମଧ୍ୟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଫଳରେ ଆଉ ଗୋଟିଏ ସ୍ୱର୍ଣ୍ଣ ଜିତିବାର ଆଶାକୁ ମଧ୍ୟ ଉଜ୍ଜୀବିତ ରଖିଛନ୍ତି। ପ୍ରମୋଦ ଓ ସୁକାନ୍ତ ଯୋଡି ସେମିଫାଇନାଲ୍‌ରେ କୋରିଆର ଚୋ ଏନ୍ ଓ ଲି' ଏସ୍‌ଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରିଥିଲେ।

# ମ୍ୟାଟ୍ରିକ୍ ପରୀକ୍ଷା ଦେବେ ବୈଭବ ସୂର୍ଯ୍ୟବଂଶୀ

**ପାଟନା,୧୪।୨:** ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲ୍‌ରେ ୧୭୫ ରନ କରି ଚର୍ଚ୍ଚାରେ ଥିବାବେଳେ ସେ ଆଉ ଏକ ଚ୍ୟାଲେଞ୍ଜ୍‌ର ସାମନା କରିବାକୁ ଯାଉଛନ୍ତି। କିନ୍ତୁ ସେହି ଚ୍ୟାଲେଞ୍ଜ୍‌ଟି କ୍ରିକେଟ୍ ପଡ଼ିଆରେ ନୁହେଁ ଶିକ୍ଷା କ୍ଷେତ୍ରରେ। ବୈଭବ ଆସନ୍ତା ୧୭ ତାରିଖରୁ ସିବିଏସଇ ୧୦ମ ଶ୍ରେଣୀ ବା ମ୍ୟାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଛନ୍ତି। ସେ ବିହାରର ସମସ୍ତିପୁର ସ୍ଥିତ ପୋଦାର ଅନ୍ତର୍ଜାତୀୟ ସ୍କୁଲରେ ପରୀକ୍ଷା ଦେବେ। ଏଥିପାଇଁ ସ୍କୁଲ୍? ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ସ୍କୁଲର ଅଧ୍ୟକ୍ଷ ନିଲ୍ କିଶୋର କହିଛନ୍ତି ଯେ ବୈଭବଙ୍କ ପରୀକ୍ଷା ୧୭ରୁ ଆରମ୍ଭ ହେବ ଓ ଏଥିପାଇଁ ତାଙ୍କୁ ପ୍ରବେଶ ପତ୍ର ପ୍ରଦାନ କରାଯାଇଛି। ବୈଭବଙ୍କୁ ନେଇ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ସାହ ରହିଛି। କିନ୍ତୁ ତାଙ୍କୁ ପରୀକ୍ଷା ସମୟରେ ଅନ୍ୟ ପିଲାମାନଙ୍କ ପରି ସମାନ ସୁବିଧା ଓ ସୁରକ୍ଷା ପ୍ରଦାନ କରାଯିବ। କାରଣ ଏହା ଶିକ୍ଷା କ୍ଷେତ୍ର, କ୍ରିକେଟ୍ ପଡ଼ିଆ ନୁହେଁ। ପୁଣି ଅନ୍ୟ ପିଲାମାନେ ଯେପରି ସହଜରେ ପରୀକ୍ଷା ଦେଇପାରେ ତାହା ଉପରେ ଧ୍ୟାନ ଦିଆଯାଉଛି।ଇଂଲଣ୍ଡ ବିରୋଧରେ ଖେଳାଯାଇଥିବା ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲ୍‌ରେ ବୈଭବ ମାତ୍ର ୮୦ଟି ବଲ୍‌ରୁ ୧୫ ଛକା ଓ ୧୫ ଚୌକା ସହ ୧୭୫ ରନ କରି ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।




# ଓମାନକୁ ୯୬ ରନରେ ହରାଇଲା ଆୟର୍ଲାଣ୍ଡ୍




**କଲମ୍ବୋ,୧୪।୨:** କଲମ୍ବୋର ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବରେ ଶନିବାର ଖେଳାଯାଇଥିବା ଗ୍ରୁପ'ବି'ର ଏକ ମ୍ୟାଚ୍‌ରେ ଓମାନକୁ ୯୬ ରନ ବ୍ୟବଧାନରେ ପରାସ୍ତ କରିଛି ଆୟର୍ଲାଣ୍ଡ୍। ତିନିଟି ମ୍ୟାଚ୍ ଖେଳିସାରିଥିବା ଆୟର୍ଲାଣ୍ଡ୍ ପାଇଁ ଏହା ପ୍ରଥମ ବିଜୟ ଓ ଏହି ବିଜୟ ସହ ଦଳ ପଏଣ୍ଟ୍ ଟେବୁଲରେ ଖାତା ଖୋଲିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ୍ ୫ ୱିକେଟ୍ ହରାଇ ୨୩୫ ରନର ଏକ ବଡ଼ ସ୍କୋର୍ ଛିଡ଼ା କରିଥିଲା। ଦଳ ପକ୍ଷରୁ ଅଧିନାୟକ ଲୋର୍କାନ୍ ଟକର୍ ମାତ୍ର ୫୧ ବଲ୍‌ରୁ ଅପରାଜିତ ୯୪ ରନ୍‌ର ଏକ ବିସ୍ଫୋରକ ପାଳି ଖେଳିଥିବାବେଳେ ଗ୍ୟାରେଥ୍ ଡେଲାନି ୩୦ ବଲ୍‌ରେ ୫୬ ରନ୍‌ର ଏକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଶେଷ ଓଭରଗୁଡ଼ିକରେ ଜର୍ଜ ଡକ୍‌ରେଲ୍ ମାତ୍ର ୯ଟି ବଲ୍‌ରେ ୩୫ ରନ୍‌ର ଏକ ବିସ୍ଫୋରକ ପାଳି ମାଧ୍ୟମରେ ସ୍କୋର୍‌କୁ ୨୩୫ରେ ପହଞ୍ଚାଇଥିଲେ। ଓମାନ ପକ୍ଷରୁ ସକିଲ ଅହମ୍ମଦ ୩୩ ରନ ବିନିମୟରେ ୩ଟି ୱିକେଟ୍? ଅକ୍ତିଆର କରିଥିଲେ। ୨୩୬ ରନ୍ ଲକ୍ଷ୍ୟର ପିଛା କରିବାକୁ ଯାଇ ଓମାନ ୧୮ ଓଭରରେ ୧୩୯ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅମୀର କଲିମ୍ ୫୦ (୨୯ବଲ୍) କରିଥିବାବେଳେ ହମ୍ମାଦ୍ ମୀର୍ଜା ୪୬ ରନର ଯୋଗଦାନ ଦେଇଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟର୍ ମାନେ ବିଫଳ ହୋଇଥିଲେ। ଆୟର୍ଲାଣ୍ଡ୍ ପକ୍ଷରୁ ଜୋସୁଆ ଲିଟଲ୍ ୧୬ ରନ ବିନିମୟରେ ୩ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ମ୍ୟାଥ୍ୟୁ ହୋଫ୍‌ରେଜ୍ ଓ ବେରି ମ୍ୟାକ୍‌କାର୍ଥି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଲୋର୍କାନ୍ ଟକର୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ବିସିସିଆଇ କଥାରେ କ୍ୟାପ୍‌ଟେନ୍ସି ଛାଡିଥିଲେ ଧୋନି




**ଚେନ୍ନାଇ,୧୪।୨:** ରୋହିତ ଶର୍ମାଙ୍କ ଠାରୁ କ୍ୟାପ୍‌ଟେନ୍ସି ପଦ ଶୁବମନ ଗିଲଙ୍କୁ ଦିଆଯିବା ଘଟଣା ୨୦୨୫ରେ ବେଶ ଚର୍ଚ୍ଚାର ବିଷୟ ଥିଲା। ଏବେ କିନ୍ତୁ ଆଉ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ମହେନ୍ଦ୍ର ସିଂହ ଧୋନିଙ୍କ ଠାରୁ ୨୦୧୭ରେ ବିରାଟ କୋହଲି କେଉଁ ପରିସ୍ଥିତିରେ କ୍ୟାପ୍‌ଟେନ୍ସି ପଦ ଗ୍ରହଣ କରିଥିଲେ, ତା'ର ତଥ୍ୟ ସାର୍ବଜନୀନ ହୋଇଛି।୨୦୧୪ରେ ମହେନ୍ଦ୍ର ସିଂହ ନିଜ ଆଡୁ ଟେଷ୍ଟ କ୍ୟାପ୍‌ଟେନ୍ସି ପଦ ଛାଡିଥିଲେ। ଏହାପରେ ୨୦୧୭ରେ ବିରାଟ କୋହଲି ଭାରତୀୟ କ୍ରିକେଟର ସବୁ ଫର୍ମାଟରେ କ୍ୟାପ୍‌ଟେନ୍ସି ଦାୟିତ୍ୱ ପାଇଥିଲେ। ସେତେବେଳେ କୁହାଯାଇଥିଲା ଯେ ଧୋନି ନିଜ ଇଚ୍ଛାରେ ସୀମିତ ଓଭର କ୍ରିକେଟରେ କ୍ୟାପ୍‌ଟେନ୍ସି ପଦ ଛାଡିଛନ୍ତି। କିନ୍ତୁ ପ୍ରକୃତ କଥା ହେଉଛି ଯେ ଧୋନି ନିଜ ଇଚ୍ଛାରେ ନୁହେଁ, ବରଂ ବିସିସିଆଇ(ଇମମସ) କଥାରେ ଏପରି ପଦକ୍ଷେପ ନେଇଥିଲେ। ବିସିସିଆଇର ଚୟନ କମିଟି ପକ୍ଷରୁ ତାଙ୍କୁ ଅଧିନାୟକ ପଦ ଛାଡିବାକୁ କୁହାଯାଇଥିଲା। ଏପରି କି ସେ ପଦ ଛାଡିବାକୁ ନିଜ ଆଡୁ ନିଷ୍ପତ୍ତି ନେଇଥିବା ଇ-ମେଲ ଯୋଗୁ ବିସିସିଆଇକୁ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ପାଇଥିଲେ।

ଏକଥା ନିଜେ ସେହି ସମୟରେ ବିସିସିଆଇ ଚୟନ କମିଟିରେ ଥିବା ଯତୀନ ପରାଞ୍ଜପେ କହିଛନ୍ତି। ସେ ଓ ତତ୍କାଳୀନ ମୁଖ୍ୟ ଚୟନକର୍ତ୍ତା ଏମଏସକେ ପ୍ରସାଦ କେମିତି ଧୋନିଙ୍କୁ ସବୁ କଥା କହିଥିଲେ ଓ ୨୦୧୭ରେ କ୍ୟାପ୍‌ଟେନ୍ସି ଛାଡିବାକୁ ପ୍ରସ୍ତାବ ଦେଇଥିଲେ, ତା' ଉପରୁ ପରାଦ ହଟାଇଛନ୍ତି। ଗୋଟିଏ କାର୍ଯ୍ୟକ୍ରମରେ ଯତୀନ କହିଛନ୍ତି ଯେ "ମାହି(ଧୋନି) ବ୍ୟାଟିଂ କରୁଥିଲେ। ସେ ପ୍ରାୟ ୧ ଘଣ୍ଟା ଧରି ବ୍ୟାଟିଂ କରୁଥିବା ବେଳେ ମୁଁ ଓ ଏମଏସ୍?କେ କେବଳ ପରସ୍ପରକୁ ଚାହୁଁଥିଲୁ। ତାଙ୍କୁ ସବୁ କଥା କେମିତି ଅତ୍ୟନ୍ତ ସମ୍ମାନଜନକ ଭାବେ କହିବୁ, ସେଥିପାଇଁ ଆମେ ପ୍ରସ୍ତୁତ ହୋଇଥିଲୁ। ତେଣୁ ଆମେ ତାଙ୍କ ପାଖକୁ ଯାଇଥିଲୁ ଓ କହିଥିଲୁ ଯେ "ତୁମ ଜାଣିଛ ମାହି, ଆମେ ଭାବୁଛୁ ଯେ ଏବେ ଆଗକୁ ବ?ିବାର ଉପଯୁକ୍ତି ସମୟ।" ଧୋନିଙ୍କ ଜବାବରେ ଆଣି ବିଦ୍‌ରୋହ ନଥିଲା, ବରଂ ସେ ସହମତି ପ୍ରକାଶ କରିବା ଭଳି କଥା କହିଥିବା ଯତୀନ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ "ଏମଏସ୍?କେଙ୍କୁ ଧୋନି କହିଥିଲେ ଯେ 'ଆପ୍ନା ଏହା ଉପଯୁକ୍ତ ନିଷ୍ପତ୍ତି। ମୋ ଠାରୁ ଆପଣ କ'ଣ ଚାହୁଁଛନ୍ତି କୁହନ୍ତୁ।' ଏମଏସ୍?କେ ତାଙ୍କୁ କହିଥିଲେ ଯେ ତୁମେ ଆଗକୁ ବ?ିବାକୁ ଚାହୁଁଥିବା ଲିଖିତ ଭାବେ ତୁମକୁ ଦେବାକୁ ପଡିବ। ଧୋନି ଠିକ ଅଛି, ମୁଁ କରିଦେବି ବୋଲି କହିଥିଲେ। ସେହିଦିନ ବିଳମ୍ବିତ ରାତିରେ ଆମେ ଗୋଟିଏ ଇ-ମେଲ ପାଇଥିଲୁ। ଏଥିରେ ଧୋନି ଲେଖିଥିଲେ ଯେ 'ମୁଁ କ୍ୟାପ୍‌ଟେନ୍ସି ପଦ ଛାଡିବାକୁ ଚାହୁଁଛି। ଆପଣମାନେ ଏବେ ଏହାର ନିଷ୍ପତ୍ତି ନିଅନ୍ତୁ।' ଆମେ ଏଥିପାଇଁ ସମାଲୋଚନାର ଶିକାର ହୋଇଥିଲୁ। କିନ୍ତୁ ଏହି ସବୁ କଠିନ ନିଷ୍ପତ୍ତି ଆପଣଙ୍କୁ ନେବାକୁ ପଡିବ।"

# ହିଣ୍ଡାଲ୍‌କୋ ସିଏସ୍‌ଆର ଅଧୀନରେ ୧୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ପ୍ରକଳ୍ପର ବିକାଶ କରିବ

**କେନ୍ଦୁଝର,୧୪।୨:** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ବଳଭଦ୍ରପୁରଠାରେ ୨୦୨୬ ଫେବୃଆରୀ ୧୪ ତାରିଖରେ ଏକ ଆଧୁନିକ ପୋଷାକ ଉତ୍ପାଦନ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯାହା ସମାବେଶୀ ଶିଳ୍ପ ଅଭିବୃଦ୍ଧି ଏବଂ ଗ୍ରାମାଞ୍ଚଳ ଜୀବିକା ସୃଷ୍ଟି ଦିଗରେ ଏକ ବୃହତ୍ ପଦକ୍ଷେପ ହୋଇଛି। ଏହି କାରଖାନା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଛାମୁଆ ଧାତୁ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଦ୍ୱାରା ତାହାର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ପ୍ରୟାସସମୂହର ଅଂଶ ଭାବରେ ବିକଶିତ କରାଯିବ।

ରାଜ୍ୟ ସରକାର ଏହି ପ୍ରକଳ୍ପ ନିମନ୍ତେ ଜମି ଯୋଗାଇ ଦେଇଛନ୍ତି, ଯାହା ଖଣିଜ ପଦାର୍ଥରେ ସମୃଦ୍ଧ ଏବଂ ପଛୁଆ ଅଞ୍ଚଳଗୁଡିକରେ ଦୀର୍ଘସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ଦୃଷ୍ଟିନିବଦ୍ଧକୁ ପ୍ରତିଫଳିତ କରୁଛି। ଏହି କାରଖାନା କାର୍ଯ୍ୟକ୍ଷମ ହେବାପରେ ଏହା ପ୍ରାୟ ୧୨୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତି ସୃଷ୍ଟି କରିବା ଆଶା କରାଯାଉଛି ଏବଂ ଏହା ବିଶେଷକରି ମହିଳା ଓ ଯୁବବର୍ଗଙ୍କ ସମେତ ସ୍ଥାନୀୟ ଜନସମୁଦାୟଙ୍କ ପାଇଁ ଉଲ୍ଲେଖନୀୟ ଫାଇଦା ଆଣିଦେବ।

ଏହି କାରଖାନା ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ଉତ୍ପାଦନ ବ୍ୟବସ୍ଥାରେ ସୁସଜ୍ଜିତ ହେବ, ଯାହା ଏକ ନିରାପଦ ଓ ସମାବେଶୀ କାର୍ଯ୍ୟସ୍ଥଳ ପରିବେଶ ବଜାୟ ରଖିବାସହିତ ଗୁଣାତ୍ମକ ଉତ୍ପାଦନ ମାନକକୁ ସୁନିଶ୍ଚିତ କରିବ। କାରଖାନା ମଧ୍ୟରେ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସହିତ ପରିବହନ, ଯୋଗାଣ ଶୃଙ୍ଖଳ ପରିଚାଳନା ଏବଂ ସ୍ଥାନୀୟ ସ୍ତରରେ ଉତ୍ପାଦ ସଂଗ୍ରହ ଭଳି ଆନୁଷଙ୍ଗିକ ସେବାଗୁଡିକ ଦ୍ୱାରା ଉକ୍ତ ଅଞ୍ଚଳରେ ଅତିରିକ୍ତ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବା ସମ୍ଭାବନା ରହିଛି। କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ବିକାଶ ଦିଗରେ ହିଣ୍ଡାଲ୍‌କୋର ନିରନ୍ତର ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ଖଣିଜ ପଦାର୍ଥ ଥିବା ଜିଲ୍ଲାଗୁଡିକୁ ବିବିଧକୃତ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ଭାବରେ ରୂପାନ୍ତରିତ କରିବାକୁ ସରକାରଙ୍କ ଦୂରଦୃଷ୍ଟି ସହିତ ମେଳ ଖାଉଛି। "ଏହି ପୋଷାକ କାରଖାନା ଆମର ୧୨୦୦ ଯୁବବର୍ଗ ଓ ମହିଳାଙ୍କ ନିମନ୍ତେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ପରିବାରଗୁଡିକର ଆୟରେ ଉନ୍ନତି ଆଣିବ।

# ବେଦାନ୍ତ ପକ୍ଷରୁ ନୂତନ ଶ୍ରମ ସଂହିତା ସଚେତନତା

**ନୂଆଦିଲ୍ଲୀ,୧୪।୨:** ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ଭୁବନେଶ୍ୱର ରିଜିଅନ-୨ ରେ ଏକ ଶ୍ରମ ସଂହିତା ସଚେତନତା ଅଧିବେଶନ ଆୟୋଜନ କରିଥିଲା, ଯାହାର ଲକ୍ଷ୍ୟ ସାମ୍ପ୍ରତିକ ଶ୍ରମ ଆଇନ ସଂଶୋଧନ ବିଷୟରେ ବୁଝାମଣାକୁ ସୁଦୃଢ଼ କରିବା ଏବଂ ନିରପେକ୍ଷ, ଅନ୍ତର୍ଭୁକ୍ତିକରଣ ତଥା ଅନୁପାଳନକାରୀ କର୍ମକ୍ଷେତ୍ର ଅଭ୍ୟାସକୁ ସୁଦୃଢ଼ କରିବା। ଏହି ଅଧିବେଶନ ନାଡ଼ିଡ଼ିହି ଆଇରନ୍ ଏବଂ ଏମ୍‌ଏନ୍ ଖଣି କାର୍ଯ୍ୟାଳୟ ସମାବେଶ ପଏଂଟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ନାଡ଼ିଡ଼ିହି ଲୁହା ଖଣି ଏବଂ ନାଡ଼ିଡ଼ିହି ଆଇରନ୍ ତଥା ଇଏସ୍‌ଏଲ୍ ଷ୍ଟିଲ୍ ଲିମିଟେଡର ଏମ୍‌ଏନ୍ ଖଣିର କର୍ମଚାରୀ, ଶ୍ରମିକ ଓ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସାମିଲ କରାଯାଇଥିଲା। ଏହି ଅଧିବେଶନକୁ ନାସିନା ବଲ ସୁବ୍ରହ୍ମଣ୍ୟମ, ଡିଏମ୍‌ଏସ୍ ଭୁବନେଶ୍ୱର ରିଜିଅନ-୨, ଉଲିମେଲା ଶିବ ଶଙ୍କର, ଡିଡିଏମ୍‌ଏସ୍ ଭୁବନେଶ୍ୱର ରିଜିଅନ-୨, ଶଙ୍କର୍ଷଣ ବେହେରା, ଡିଏମ୍‌ଏସ୍ ମେକାନିକାଲ୍, ଦକ୍ଷିଣ-ପୂର୍ବ ଜୋନ୍, ରାଂଚି, ମହେଶ୍ୱର ରେଡ୍ଡୀ କନ୍ନଲା, ଡିଏମ୍‌ଏସ୍-ଇଲେକ୍ଟ୍ରିକାଲ୍, ଦକ୍ଷିଣ-ପୂର୍ବ ଜୋନ୍, ରାଂଚି ପରିଚାଳନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ନୂତନ ଶ୍ରମ ସଂହିତା ଅଧୀନରେ ପ୍ରମୁଖ ଅପଡେଟ୍‌ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯେଉଁଥିରେ ମହିଳା ନିଯୁକ୍ତି, ଲିଙ୍ଗଗତ ବୈଷମ୍ୟ ନିବାରଣ, ମାତୃତ୍ୱ ସୁବିଧା, ସମାନ କାମ ପାଇଁ ସମାନ ଦରମା, ନିୟନ୍ତ୍ରିତ କାର୍ଯ୍ୟ ଘଣ୍ଟା, ଉନ୍ନତ ସ୍ୱାସ୍ଥ୍ୟ ସୁବିଧା, ମହିଳା କର୍ମଚାରୀଙ୍କ ପାଇଁ ନାଇଟ୍ ସିଫ୍ଟରେ କାମ କରିବାର ସୁଯୋଗ, ପରିବାର ପରିଭାଷା ପରିବର୍ଦ୍ଧିତ କରିବା ଏବଂ ଗ୍ରାଚ୍ୟୁଇଟି ତଥା ବୀମା କଭରେଜ୍ ସମ୍ବନ୍ଧୀୟ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ଥିଲା। ଅଧିବେଶନରେ ଏଜେଂଟ, ପରିଚାଳକ, ସହକାରୀ ପରିଚାଳକ, ଫୋରମେନ୍, ଖଣି ସାଥୀ, ଏଚ୍‌ଇଏମ୍‌ଏମ୍ ଅପରେଟର, ହାଉସକିପିଂ ଷ୍ଟାଫ୍ ପ୍ରଭୃତିଙ୍କ ସମେତ ୧୫୦ ରୁ ଅଧିକ କର୍ମଚାରୀ, ଶ୍ରମିକ ଏବଂ ବ୍ୟବସାୟିକ ଅଂଶୀଦାର ଅଂଶଗ୍ରହଣ କରିଥିଲେ। ଉଲିମେଲା ଶିବ ଶଙ୍କର, ଡିଡିଏମ୍‌ଏସ୍ ଭୁବନେଶ୍ୱର ରିଜିଅନ-୨ ନୂତନ ଶ୍ରମ ସଂହିତାର ଲାଭ ବିଶେଷ ଭାବରେ ପୂର୍ବ ନିୟମ ଏବଂ ନିୟମାବଳୀରୁ ପରିବର୍ତ୍ତନ ଏବଂ କର୍ମଶକ୍ତି ପାଇଁ ସାମଗ୍ରିକ ସୁବିଧା ଉପରେ ଆଲୋକପାତ କରିଥିଲେ।

# ଦ୍ରାବିଡ - କୁମ୍ବଲେଙ୍କୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମିଳିଲା ବିଶେଷ ସମ୍ମାନ



**ନୂଆଦିଲ୍ଲୀ,୧୪।୨:** ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦୁଇ ପୂର୍ବତନ ଭାରତୀୟ ମହାନ ଖେଳାଳି ରାହୁଲ ଦ୍ରାବିଡ ଏବଂ ଅନିଲ କୁମ୍ବଲେଙ୍କୁ ବିଶେଷ ସମ୍ମାନ ମିଳିଛି। ଭେଙ୍କଟେଶ ପ୍ରସାଦଙ୍କ ନେତୃତ୍ୱରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ଏହି ଦୁଇ ଭାରତୀୟ ଖେଳାଳିଙ୍କ ନାମରେ ଦୁଇଟି ଷ୍ଟାଣ୍ଡ ନାମିତ କରିଛି। ପୂର୍ବରୁ ଷ୍ଟାଡିୟମରେ ଅନେକ ଖେଳାଳିଙ୍କ ନାମରେ ଷ୍ଟାଣ୍ଡ ନାମିତ କରାଯାଇଛି, ଯାହା ଭାରତୀୟ କ୍ରିକେଟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରେ। କେବଳ କୁମ୍ବଲେ ଏବଂ ରାହୁଲ ନୁହେଁ, ବରଂ ଭାରତୀୟ ମହିଳା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀଙ୍କ ନାମରେ ମଧ୍ୟ ଏକ ଷ୍ଟାଣ୍ଡ ନାମିତ ହେବ। ମହିଳା କ୍ରିକେଟରେ ତାଙ୍କର ଅମୂଲ୍ୟ ଅବଦାନ ଯୋଗୁ, କଝଉଇ ରଙ୍ଗାସ୍ୱାମୀଙ୍କ ନାମରେ ଏକ ଷ୍ଟାଣ୍ଡ ନାମିତ କରିବାକୁ ନିଷ୍ପତ୍ତି ନେଇଛି। ଷ୍ଟାଡିୟମରେ ଥିବା ଷ୍ଟାଣ୍ଡର ନାମକରଣ ଉପରେ କୁମ୍ବଲେ ମଧ୍ୟ ନିଜର ଖୁସି ପ୍ରକାଶ କରିଛନ୍ତି। କୁମ୍ବଲେ ଟେଷ୍ଟ ଏବଂ ଏକଦିବସୀୟ କ୍ରିକେଟ ଇତିହାସରେ ଭାରତର ପ୍ରମୁଖ ୱିକେଟ ନେବାରେ ସଫଳ ହୋଇଛନ୍ତି। ସେ ଟିମ ଇଣ୍ଡିଆ ପାଇଁ ମୋଟ ୪୦୧ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୯୫୩ ୱିକେଟ ନେଇଛନ୍ତି। ଦ୍ରାବିଡ ସଚିନ ତେନ୍ଦୁଲକରଙ୍କ ପରେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ରନ ସ୍କ?ରର ମଧ୍ୟ। ଦ୍ରାବିଡ ତାଙ୍କ କ୍ୟାରିୟରରେ ଭାରତ ପାଇଁ ମୋଟ ୫୦୪ଟି ମ୍ୟାଚ୍ ଖେଳିଥିଲେ, ୪୮ଟି ଶତକ ସହିତ ୨୪,୦୬୪ ରନ କରିଥିଲେ।ଚିନ୍ନାସ୍ୱାମୀଙ୍କ ନାମରେ ନାମିତ ଷ୍ଟାଣ୍ଡ ନିର୍ମାଣ ପରେ କୁମ୍ବଲେ କହିଥିଲେ, 'ମୁଁ ଭାବୁଛି ଏହା କହିବା ଭୁଲ ହେବ ନାହିଁ ଯେ ଆମେ ସମସ୍ତେ କର୍ଣ୍ଣାଟକ କ୍ରିକେଟକୁ ଏକ ଉଚ୍ଚତାରେ ପହଞ୍ଚାଇଛୁ। ଯେପରି କର୍ଣ୍ଣାଟକ କ୍ରିକେଟ ଆମ ସମସ୍ତଙ୍କୁ କରିଛି। କାହାର ନାମରେ ଷ୍ଟାଣ୍ଡ ନାମିତ ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମସ୍ତଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇଛି। ଏହା ସହିତ, ସମସ୍ତଙ୍କ ନାମ ଏବେ ଷ୍ଟାଡିୟମରେ ଲେଖାଯାଇଛି।' ପୂର୍ବତନ ଭାରତୀୟ ଅଧିନାୟକ ଏବଂ ସ୍ୱର୍ଗତ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ମହିଳା କ୍ରିକେଟରେ ତାଙ୍କ ଅବଦାନ ପାଇଁ ସ୍ୱୀକୃତି ମିଳିଛି। ତାଙ୍କ ନାମରେ ଏକ ଷ୍ଟାଣ୍ଡ ମଧ୍ୟ ନିର୍ମାଣ କରାଯିବ। ଏହା ଉପରେ ପ୍ରତିକ୍ରିୟା ଦେଇ କୁମ୍ବଲେ କହିଛନ୍ତି, 'ମୁଁ ସବୁଠାରୁ ଖୁସି ଯେ ମୋର ଏବଂ ଦ୍ରାବିଡଙ୍କ ସହିତ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।"

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ